Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:249✦5 January 2026 (Monday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୪୯✦୫ ଜାନୁଆରୀ ୨୦୨୬ (ସୋମବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

'ଆମ ବସ୍' ଦୁର୍ଘଟଣା ମାମଲାରେ ମୁଖ୍ୟମନ୍ତ୍ରୀଙ୍କ ଉଦବେଗ :

କଡ଼ା ଯାଟଂ ସହ ଦେଲେ ଡ୍ରାଇଭରଙ୍କ ଦକ୍ଷତା ବୃଦ୍ଧି ନିର୍ଦ୍ଦେଶ

ଭୁବନେଶ୍ୱର,୪/୧(ନି/ପ୍ର):ଆମ ବସ୍ ଧକ୍କାରେ ଅଟୋ ଚାଳକ ମୃତ୍ୟୁ ଘଟଣା । ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି । ଏ ଘଟଣାରେ ଆହତ ହୋଇଥିବା ଛାତ୍ରୀଙ୍କ ଆଶୁ ଆରୋଗ୍ୟ ମଧ୍ୟ ମୁଖ୍ୟମନ୍ତ୍ରୀ କାମନା କରିଛନ୍ତି । 'ଆମ ବସ' ପରିବହନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ମୁଖ୍ୟମନ୍ତ୍ରୀ ଗଭୀର ଚିନ୍ତା ପ୍ରକଟ କରିଛନ୍ତି । ଆମ ବସ ପରିଚାଳନା ସଂସ୍ଥା ଦ୍ରୁତ ସହିତ ସମନ୍ୱୟ ରକ୍ଷା କରି ଏ ସମସ୍ୟାରେ ଉନ୍ନତି ଆଣିବା ପାଇଁ ପଦକ୍ଷେପ ନେବାକୁ ସେ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷକରି ଆମ ବସ୍ ଡ୍ରାଇଭର ମାନଙ୍କ ଦକ୍ଷତା ବୃଦ୍ଧି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି । ଏଥିପାଇଁ ନିୟମିତ ଟ୍ରେନିଂ ପ୍ରଦାନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ଟ୍ରେନିଂ ପ୍ରକ୍ରିୟାରେ ଡ୍ରାଇଭର ମାନଙ୍କ ଦକ୍ଷତା ସହ ସେମାନଙ୍କ ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ମଧ୍ୟ ଗୁରୁତ୍ୱଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ବିଶେଷକରି, ସେମାନଙ୍କ ମଧ୍ୟରେ ସମବେଦନଶୀଳ ମନୋଭାବ ସୃଷ୍ଟି ପାଇଁ ଟ୍ରେନିଂ ମଡ୍ୟୁଲ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ଏହା ସହିତ ଏମଭିଆଇମାନଙ୍କ ଦ୍ୱାରା ଆମ ବସ ଗୁଡ଼ିକର ଫିଟନେସ ସମ୍ପର୍କରେ ନିୟମିତ ଯାଟଂ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବାଣିଜ୍ୟ ଓ ପରିବହନ ବିଭାଗ ଏକ ସ୍ୱତନ୍ତ୍ର ସ୍ କ୍ୱାଡ୍ ଗଠନ କରି ବସ ଫିଟନେସ ଯାଟଂ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହିପରି ଦୁର୍ଘଟଣାଜନକ ଘଟଣା ଯେପରି ବାରମ୍ବାର ନ ଘଟେ ସେଥିପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ନିୟମିତ ଭାବେ ସମୀକ୍ଷା କରି ପରିସ୍ଥିତିରେ ଉନ୍ନତି ଆଣିବା ପାଇଁ ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ବିଜେପିର ମିସନ ତାମିଲନାଡୁ: ଅମିତ ଶାହଙ୍କ ଦୁଇଦିନିଆ ଗସ୍ତ

ନୂଆଦିଲ୍ଲୀ,୪/୧: ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଜିଠାରୁ ଦୁଇଦିନିଆ ତାମିଲନାଡୁ ଗସ୍ତରେ ଅଛନ୍ତି । ଚଳିତବର୍ଷ ତାମିଲନାଡୁ ବିଧାନସଭା ନିର୍ବାଚନ ହେବାକୁ ଥିବା ବେଳେ ଶାହଙ୍କ ଗସ୍ତକୁ ରାଜନୈତିକ ମହଲରେ ଗୁରୁତ୍ୱ ଦିଆଯାଉଛି । ରାଜ୍ୟରେ ବିଜେପି ତଥା ଏନଡିଏର ରଣନୀତିକୁ ଅମିତ ଶାହ ଆହୁରି ପ୍ରଭାବଶାଳୀ କରିବାକୁ ଚେଷ୍ଟା କରିବେ । ତାମିଲନାଡୁ ସରକାରଙ୍କ ବିରୋଧରେ ରାଜ୍ୟ ବିଜେପି ସଭାପତି ଏନ. ନଗେନ୍ଦ୍ରନଙ୍କ ରାଜ୍ୟବ୍ୟାପୀ ଯାତ୍ରାର ଉଦଯାପନୀ ଉତ୍ସବରେ ଯୋଗଦେବେ । ଏଥିପାଇଁ ପୁଦୁକୋଟ୍ଟାଇରେ ବିଶାଳ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହା ସହିତ ଅମିତ ଶାହ ବିଜେପି ଓ ଏନଡିଏ ଅଂଶୀଦାର ଦଳ ଏଆଇଏଡିଏମକେ ଏବଂ ଅନ୍ୟଦଳର ନେତାଙ୍କ ସହିତ ସାକ୍ଷାତ ଆଲୋଚନା କରିବେ । ବିଧାନସଭା ନିର୍ବାଚନ ପୂର୍ବରୁ ତାମିଲନାଡୁରେ ବିଭିନ୍ନ ଦଳ ଓ ଗୋଷ୍ଠୀଙ୍କୁ ଏନଡିଏରେ ସାମିଲ କରିବା ଅମିତ ଶାହଙ୍କ ଗସ୍ତର ଅନ୍ୟତମ ଲକ୍ଷ୍ୟ ବୋଲି କୁହାଯାଉଛି । ତାମିଲନାଡୁ ପୂର୍ବରୁ ଅମିତ ଶାହ ଆଣ୍ଡାମାନ ନିକୋବାରରେ ବିଭିନ୍ନ କାର୍ଯ୍ୟମରେ ଯୋଗଦେବଇଥିଲେ ।

ଇସ୍କନ ବିରୁଦ୍ଧରେ ଗଜପତିଙ୍କ ଉଦବେଗ

ପୁରୀ,୪/୧(ନି/ପ୍ର):ଇସ୍କନର ଅବିନିଆ ରଥଯାତ୍ରା ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି ଗଜପତି ମହାରାଜ । ମହାପ୍ରଭୁ ବର୍ଷସାରା ବାହାରକୁ ଆସି ପରିବେନି କହି ନିଜ ଉଦବେଗ ପ୍ରକାଶ କରିଛନ୍ତି ଗଜପତି ମହାରାଜ । ବିବେଶରେ ଇସ୍କନର ଅବିନିଆ ରଥଯାତ୍ରା ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି ମହାପ୍ରଭୁଙ୍କ ପ୍ରଥମ ସେବକ ତଥା ଗଜପତି ମହାରାଜ ଦିବ୍ୟସିଂହ ଦେବ । ଶ୍ରୀଜଗନ୍ନାଥଙ୍କ ଚେତନା ଓ ଚିନ୍ତନ କାର୍ଯ୍ୟକ୍ରମରେ ବିଭ୍ରାନ୍ତ ହେଉଥିବା କହି ନିଜର ଉଦବେଗ ଜଣାଇଛନ୍ତି ଗଜପତି । ମହାପ୍ରଭୁ ବର୍ଷସାରା ଶ୍ରୀମନ୍ଦିର ବାହାରକୁ ଆସି ପରିବେନି କହି ନିଜ ଉଦବେଗ ପ୍ରକାଶ କରିଛନ୍ତି ଗଜପତି ମହାରାଜ । ସେ କହିଛନ୍ତି ଯେ, ସେମାନେ ଜାଣି ନାହାନ୍ତି ଏହା କେତେ ବ୍ୟତିକ୍ରମ । ଆମେ ଯଦି ନିଜକୁ ମହାପ୍ରଭୁଙ୍କ ଭକ୍ତ ବୋଲି କହୁଛେ ତାହଲେ ମହାପ୍ରଭୁଙ୍କ ଆଦେଶ ପାଳନ କରିବ ଉଚିତ ବୋଲି କହିଛନ୍ତି ଗଜପତି ।

ଆହୁରି ବଢିବ ଥଣ୍ଡା ; ୧୯ଟି ରାଜ୍ୟକୁ ଘନ କୁହୁଡି ପାଇଁ ୭ଦିନ ଆଲର୍ଟ

ନୂଆଦିଲ୍ଲୀ,୪/୧: ଦିଲ୍ଲୀ ଏବଂ ସମଗ୍ର ଭାରତରେ ହାଡ଼ଭଙ୍ଗା ଥଣ୍ଡା ଅନୁଭୂତ ହେଉଛି । ଘନ କୁହୁଡ଼ି ଏବଂ ଶୀତଳ ଲହରୀ ଶୀତକୁ ଆହୁରି ତୀବ୍ର କରିଛି । ସବିଶେଷ ଏବଂ ସର୍ବାଧିକ ତାପମାତ୍ରା ଏବେ ହ୍ରାସ ପାଇବାରେ ଲାଗିଛି । ଭାରତ ପାଣିପାଗ ବିଭାଗ ଏହି ସପ୍ତାହରେ ଉତ୍ତର ଭାରତ ପାଇଁ କୁହୁଡ଼ି ଏବଂ ଶୀତଳ ଲହରୀ ସତର୍କତା ଜାରି କରିଛି । ବର୍ଷା କିମ୍ବା ତୁଷାରପାତ ଆଶା କରାଯାଇ ନାହିଁ, କିନ୍ତୁ ଶୀତଳ ଲହରୀ ଶୀତକୁ ଆହୁରି ତୀବ୍ର କରିବ । ଦିଲ୍ଲୀରେ ତାପମାତ୍ରା ହ୍ରାସ ପାଇବ । ଦିଲ୍ଲୀ-ଏନସିଆରରେ, ହାଲୁକା କୁହୁଡ଼ି ଏବଂ ଶୀତଳ ଲହରୀ ଥଣ୍ଡାକୁ ବୃଦ୍ଧି କରିବ । ଦିଲ୍ଲୀରେ ସର୍ବାଧିକ ତାପମାତ୍ରା ୧୭.୩ ଡିଗ୍ରୀ, ଏବଂ ସର୍ବନିମ୍ନ ୮.୧ ଡିଗ୍ରୀ ରେକର୍ଡ ଜରାଯାଇଛି । ଏହି ସପ୍ତାହରେ ଦିଲ୍ଲୀରେ ପାଗ ସ୍ୱଚ୍ଛ ରହିବ, ବର୍ଷା ହେବାର ସମ୍ଭାବନା ନାହିଁ ।

ନିୟମିତ ଚାଲିମ ନେବେ ଆମ-ବସ୍ ଚାଲକ

ଭୁବନେଶ୍ୱର,୪/୧(ନି/ପ୍ର): ରାଜଧାନୀରେ ଦିନକୁ ଦିନ ବୃଦ୍ଧି ପାଉଥିବା ଆମ-ବସ୍ ଦୁର୍ଘଟଣାକୁ ବୃଷ୍ଟିରେ ରଖି ବଡ଼ ପଦକ୍ଷେପ ନେଇଛନ୍ତି ମୁଖ୍ୟମନ୍ତ୍ରୀ । ଚାଳକଙ୍କୁ ନିୟମିତ ତାଲିମ ନେବା ପାଇଁ ବେଳେ ନିର୍ଦ୍ଦେଶ ଦେଇଛନ୍ତି । ରାଜଧାନୀରେ ଚଳୁଥିବା ଆମ-ବସ୍ ଦୁର୍ଘଟଣା ଅଟକାଇବାକୁ ବଡ଼ ପଦକ୍ଷେପ ନେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଗତକାଲି ରୂପାଲୀ ଛକରେ ଘଟିଥିବା ଦୁର୍ଘଟଣାରେ ଉଦବେଗ ପ୍ରକାଶ କରିଛନ୍ତି । ଘଟଣାକୁ ଗୁରୁତର ଭାବେ ନେଇ ଆମ-ବସ୍ ଚାଳକ ମାନଙ୍କ ଦକ୍ଷତା ବିକାଶକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଏଥିପାଇଁ ଚାଳକ ମାନଙ୍କୁ ନିୟମିତ ତାଲିମ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ତାଲିମ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗକୁ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ଼ ଗଠନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବସ୍ ସ୍ଥିତିକର ଫିଟନେସ ଯାଟଂ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।

ରାଜନଗର ବିଡିଓଙ୍କୁ ବିଜେପି ନେତାଙ୍କ ଆକ୍ରମଣ !

କେନ୍ଦ୍ରାପଡ଼ା/ରାଜନଗର,୪/୧(ନି/ପ୍ର): କେନ୍ଦ୍ରାପଡ଼ା ଜିଲା ରାଜନଗର ବିଡିଓ ତିଳୋତମା ପୃଷ୍ଟିଙ୍କୁ ତାଙ୍କ କାର୍ଯ୍ୟାଳୟରେ ଆକ୍ରମଣ ଉଦ୍ୟମ ହୋଇଛି । ରାଜନଗର ନିର୍ବାଚନମଣ୍ଡଳୀର ବିଜେପି ନେତା ତଥା ୨୦୨୪ରେ ବିଜେପି ଟିକଟରୁ ବିଧାୟକ ପ୍ରାର୍ଥୀ ହୋଇଥିବା ଲଳିତ ବେହେରା ତାଙ୍କ ଉପରକୁ କମ୍ପ୍ୟୁଟର ଫିଙ୍ଗି ମାରି ଦେବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ଜିଲାପାଳ ହସ୍ତକ୍ଷେପ କରିଛନ୍ତି । ବିଡିଓଙ୍କ ସୁରକ୍ଷା ଦେବା ପାଇଁ ଏସ୍‌ପିଙ୍କ ସହ ଜିଲାପାଳ ଆଲୋଚନା କରିଛନ୍ତି । ବିଡିଓ ତିଳୋତମା ପୃଷ୍ଟି ଘଟଣା ସମ୍ପର୍କରେ ଜିଲାପାଳ ରଘୁରାମ ଆର. ଆମ୍ବରଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ତେବେ କେନ୍ଦ୍ରାପଡ଼ା ଗସ୍ତରେ ଆସିଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ବିଜେଡି କର୍ମୀ ବାଟରେ ଅଟକାଇ ବିଡିଓଙ୍କୁ ନ୍ୟାୟ ଦେବାକୁ ଦାବି କରିଛନ୍ତି । ଏଥିସହ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ କୁଶ ପୁତଳିକା ଦାହ କରିଛନ୍ତି । ରାଜନଗର ପଂଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଏ ନେଇ ରାଜନଗର ଥାନାରେ ବିଜେପି ନେତା ଲଳିତ ବେହେରାଙ୍କ ବିରୋଧରେ ଏତଲା ଦେଇଛନ୍ତି । ସେ ତାଙ୍କ ଏତଲାରେ ବର୍ଣ୍ଣାଇଛନ୍ତି ଯେ, ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ରେ ଲଳିତ ବେହେରା ତାଙ୍କର ୨୦/୨୨ ଜଣ ସମର୍ଥକଙ୍କ ସହ ବିଡିଓଙ୍କ କାର୍ଯ୍ୟାଳୟକୁ ଆସିଥିଲେ । ବେଆଇନ ଭାବେ କେତେକ ସରକାରୀ କାର୍ଯ୍ୟ କରିବା ପାଇଁ ବିଡିଓଙ୍କୁ ବାଧ୍ୟ କରିଥିଲେ । ତେବେ ଏହି ବେଆଇନ କାର୍ଯ୍ୟ କରିବେ ନାହିଁ ବୋଲି ବିଡିଓ ରୋଇଠୋକ ମନା କରିଥିଲେ । ଏଥିରେ ଉତ୍? ?କ୍ଷିପ୍ତ ହୋଇ ଲଳିତ ବେହେରା ବିଡିଓ ଶ୍ରୀମତୀ ପୃଷ୍ଟିଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଳଜ କରିବା ସହ ତାଙ୍କ ଉପରକୁ କମ୍ପ୍ୟୁଟର ଫିଙ୍ଗିଥିଲେ । ହୋହଲ୍ଲା ଶୁଣି ବିଡିଓଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଘଟଣାସ୍ଥଳକୁ ଆସିଯିବାରୁ ଲଳିତ ବେହେରା ଓ ତାଙ୍କ ସମର୍ଥକ ଘଟଣାସ୍ଥଳରୁ ଚାଲିଯାଇଥିଲେ । ଏହି ଘଟଣାର ସମସ୍ତ ଦୃଶ୍ୟ ବିଡିଓଙ୍କ କାର୍ଯ୍ୟାଳୟରେ ଥିବା ସିସିଟିଭିରେ ରେକର୍ଡ଼ି ହୋଇଛି । ଏହି ଘଟଣା ନେଇ ବିଜେଡି କର୍ମୀ ଶନିବାର ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଅନ୍ୟପକ୍ଷରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଶନିବାର ଭିତରକନିକା ବୁଲି ଫେରୁଥିବା ଖବର ପାଇ ବିଜେଡି କର୍ମୀ ଶ୍ରୀମତୀ ପରିଡ଼ାଙ୍କୁ ବାଟରେ ଅଟକାଇ ବିଡିଓଙ୍କୁ ନ୍ୟାୟ ଦେବାକୁ ଦାବି କରିଥିଲେ । ଏଥିସହ ବିଜେଡି କର୍ମୀ ରାଜନଗର ହଂସୁଆ ସେତୁ ଉପରେ ଧାରଣା ଦେବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ କୁଶ ପୁତଳିକା ଦାହ କରିଥିଲେ । ଉପଜିଲାପାଳ ଅରୁଣ କୁମାର ମାଝଙ୍କ ଓ ଅତିରିକ୍ତ ଏସ୍‌ପି ଗ୍ୟାଣ୍ଡକ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ଭେନେଜୁଏଲାରେ ପରିସ୍ଥିତି ଖରାପ

ଯାତ୍ରା ଏଡ଼ାଇବାକୁ ଭାରତୀୟ ନାଗରିକଙ୍କୁ କଡ଼ା ନିର୍ଦ୍ଦେଶ



ନୂଆଦିଲ୍ଲୀ,୪/୧: ଦକ୍ଷିଣ ଆମେରିକାସ୍ଥ ରାଷ୍ଟ୍ର ଭେନେଜୁଏଲା ଉପରେ ସାଙ୍ଘାତିକ ଆକ୍ରମଣ କରିଛି ଆମେରିକା । ରାଜଧାନୀ କାରାକାସ୍ ସମେତ ୪ଟି ସହର ଉପରେ ହୋଇଛି ଏୟାରଷ୍ଟ୍ରାଇକ୍ । ଆପାତ, ଚିନ୍ତୁକୁ ହେଲିକପ୍ଟର ଏବଂ ଏଫ୍‌ୱାଣ୍ଡ ବିମାନରୁ ଭୟଙ୍କର ମିସାଇଲ୍ ମାଡ଼ କରାଯାଇଛି । ରାଷ୍ଟ୍ରପତି ଓ ତାଙ୍କ ପତ୍ନୀଙ୍କୁ ଉଠାଇ ନେଇଛନ୍ତି ଆମେରିକା ସେନା । ଏବେ ଦେଶରେ ଜୁଣ୍ଟି ସଙ୍ଗୀନ ହୋଇଛି । କରୁରି ସ୍ଥିତି ଘୋଷଣା ହୋଇଛି । ଭେନେଜୁଏଲାରେ ଥିବା ଭାରତୀୟଙ୍କ ସୁରକ୍ଷାକୁ ନେଇ ଚିନ୍ତା ପ୍ରକାଶ କରିଛି ଭାରତ । ଏନେଇ ଆଡଭାଇଜରୀ ଜାରି ହୋଇଛି । ଭେନେଜୁଏଲାରେ ପରିସ୍ଥିତି ଖରାପ, ଯାତ୍ରା ଏଡ଼ାଇବାକୁ ଭାରତୀୟ ନାଗରିକଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛି ବୈଦେଶିକ ମନ୍ତ୍ରଣାଳୟ । ଭେନେଜୁଏଲା ଉପରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଭାରତ ସତର୍କ ହୋଇଛି । ରାଷ୍ଟ୍ରପତି ମାଦୁରୋ ବନ୍ଦୀ ହେବା ପରେ ଦେଶରେ ଏକ କାମୀୟ ପରିସ୍ଥିତି ଜାରି କରାଯାଇଛି । ସେଠାରେ ଥିବା ଭାରତୀୟ ନାଗରିକଙ୍କ ପାଇଁ ସୁରକ୍ଷା ନିର୍ଦ୍ଦେଶାବଳୀ ଜାରି ହୋଇଛି । ଭାରତ ତାର ନାଗରିକମାନଙ୍କୁ ସେଠାକୁ ଯାତ୍ରା ନକରିବାକୁ ପରାମର୍ଶ ଦେଇଛି । ଟ୍ରେଭେଲ୍ ଆଡଭାଇଜରି ଜାରି କରି ବୈଦେଶିକ ମନ୍ତ୍ରଣାଳୟ ଭାରତୀୟ ନାଗରିକଙ୍କୁ ସତର୍କ ରହିବାକୁ କହିଛି । ସମସ୍ତ ଯାତ୍ରା ଏଡ଼ାଇବା ପାଇଁ ଭାରତୀୟ ନାଗରିକମାନଙ୍କୁ ଜରୁରୀ ନିର୍ଦ୍ଦେଶ ଦେଇଛି । ଏହି ସହିତ କାରାକାସରେ ଥିବା ଭାରତୀୟ ଦୂତାବାସ ସହ ଯୋଗାଯୋଗରେ ରହିବାକୁ ପରାମର୍ଶ ଦିଆଯାଇଛି । ଲିଜିଟିମେଟ୍ ପ୍ରତିନିଧିଙ୍କ ଘଟଣା ଘଟିଲେ ତୁରନ୍ତ ସହାୟତା ଯୋଗାଇବା ପାଇଁ ଜରୁରୀକାଳୀନ ଇମେଲ୍ ଠିକଣା (cons.caracas@mea.gov.in) ଏବଂ ଫୋନ୍ ନମ୍ବର କ୍ରମ-୪୧୨-୯୫୮୪୨୮୮ (+୫୮-୪୧୨-୯୫୮୪୨୮୮) ମଧ୍ୟ ସେୟାର କରାଯାଇଛି । ଆମେରିକା ଏବଂ ଭେନେଜୁଏଲା ମଧ୍ୟରେ ଚାଲିଥିବା ଉତ୍ତେଜନା ସୁଖକର ନୁହେଁ ।

ଭିଜିଲାନ୍ସ ଜାଲରେ କଟକ ସିଆରଆରଆଇ ଥାନା ଅଧିକାରୀ

୪୦ ହଜାର ଲାଟଂ ନେବା ବେଳେ ଧରାପଡ଼ିଲେ

ଭୁବନେଶ୍ୱର,୪/୧(ନି/ପ୍ର): ଜଣେ ଲାଇସେନ୍ସପ୍ରାପ୍ତ ମଦ ବ୍ୟବସାୟୀଙ୍କଠାରୁ ଲାଂଚ ନେଉଥିଲେ, ଧରାପଡ଼ିଲେ ଥାନା ବାବୁ ବିଜୟ କୁମାର ବାରିକ । ପୁଣି ଘରୁ ମିଳିଲା ନବାବ ୫ ଲକ୍ଷ ଟଙ୍କା । ଏହାପରେ କଟକ ସିଆରଆରଆଇ ଥାନା ଆଇଆଇସି ବିଜୟ କୁମାର ବାରିକଙ୍କୁ ଗିରଫ କରିଛି ଭିଜିଲାନ୍ସ । ଆଜି ଅର୍ଥାତ୍ ଜାନୁଆରି ୪ ତାରିଖରେ କଟକର ସିଆରଆରଆଇ ଥାନା ଆଇଆଇସି ବିଜୟ କୁମାର ବାରିକଙ୍କୁ ଭୁବନେଶ୍ୱରର ରାଜମହଲ ଛକରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି । ସେ ଜଣେ ଲାଇସେନ୍ସପ୍ରାପ୍ତ ମଦ ବିକ୍ରେତାଙ୍କଠାରୁ ୪୦ ହଜାର ଟଙ୍କା ଲାଟଂ ମାଗୁଥିଲେ । ଅଭିଯୁକ୍ତ ଶ୍ରୀ ବାରିକଙ୍କ ଠାରୁ ସମସ୍ତ ଲାଟଂ ଟଙ୍କା ଜବତ କରାଯାଇଛି । ଏହାପରେ ଶ୍ରୀ ବାରିକଙ୍କ ଦୁଇଟି ସ୍ଥାନରେ ଏକଜାଳୀନ ଚଢ଼ାଉ ଜାରି ରହିଛି । ଏନେଇ ଅଭିଯୁକ୍ତ ବିଜୟ ବାରିକଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି । ଭୁବନେଶ୍ୱରର ଯୁନିଟ୍ ୧ ସ୍ଥିତ ବିଜୟ କୁମାର ବାରିକଙ୍କ ସରକାରୀ କ୍ୱାର୍ଟରରେ ଚଢ଼ାଉ ସମୟରେ ପ୍ରାୟ ୫ ଲକ୍ଷ ଟଙ୍କା ଜବତ ହୋଇଛି । ଲାଟଂ ବାବି ଏବଂ ଜବତ ହୋଇଥିବା ଟଙ୍କାର ଉତ୍ସ ସମ୍ପର୍କରେ ତାଙ୍କୁ ପଚରାଉଚରା କରାଯାଉଛି । ତଦନ୍ତ ଜାରି ରହିଛି । ଏନେଇ ଅଧିକ ତଥ୍ୟକୁ ଅପେକ୍ଷା କରାଯାଇଛି । ଅଭିଯୁକ୍ତ ଥାନା ଅଧିକାରୀ ହେବେ ସୁକୁମା ହାଁସବା । ଆଜି ସକାଳ ସାଢ଼େ ୧୦ଟା ସମୟରେ ଧରାପଡ଼ିଥିବା ଉପପୁର ଭିଜିଲାନ୍ସ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି । ଘଟଣାଟି ଘଟିଛି କୋରାପୁଟ ଜିଲ୍ଲା ବଶମନ୍ତପୁର ବ୍ଲକ ସଦର ଥାନାରେ । ସୂଚନା ଅନୁସାରେ ଗତ କିଛି ଦିନ ପୂର୍ବେ ବଶମନ୍ତପୁର ବ୍ଲକ ଅଟଂଳର ଜଣେ ସୁବତୀଙ୍କୁ ଏହି ବ୍ଲକ ଅନ୍ତର୍ଗତ ପୋଡ଼ାଗଡ ପଂଚାୟତ ଅଧୀନସ୍ଥ ଛଟା ଗୁଡା ଗାଁର ରାମେଶ୍ୱର ବିଶୋଇ ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସଂପର୍କ ରଖି ଆସୁଥିଲେ । ସୁବତୀ ଜଣକ ବିବାହ କରି ଘରକୁ ନେବାକୁ ପ୍ରେମିକକୁ କହିଥିଲେ । କିନ୍ତୁ ଅଭିଯୁକ୍ତ ପ୍ରେମିକ ବିବାହ ପାଇଁ ରୋଇ ଠୋଇ ମନା କରିବା ଦ୍ୱାରା ପ୍ରେମିକା ଥାନାର ଦ୍ୱାରସ୍ଥ ହୋଇଥିଲେ । ହେଲେ ସୁବତୀଙ୍କୁ ଥାନା ଅଧିକାରୀ ସୁକୁମା ହାଁସବା ନ୍ୟାୟ ଦେବା ପରିବର୍ତ୍ତେ ୨୦ ହଜାର ଟଙ୍କା ଲାଟଂ ମାଗି ଥିଲେ । ଗରିବ ପରିବାରର ଝିଅ ହୋଇଥିବାରୁ ଏନେଇ ପୀଡ଼ିତା ଜଣେ ସମ୍ପର୍କୀୟଙ୍କୁ ଜଣାଇଥିଲେ । ଏହାପରେ ପରିବାର ଲୋକ ଭିଜିଲାନ୍ସର ଆଶ୍ରୟ ନେଇଥିଲେ । ସମ୍ପର୍କୀୟ ସୁରେଶ ସୁବୁଦ୍ଧିଙ୍କୁ ଠାରୁ ନବାବ ୨୦ ହଜାର ଟଙ୍କା ନେଇ ଥାନାରେ ପହଂଚିଥିଲେ ପୀଡ଼ିତା ।

ଡ୍ରଗ୍ସ ବାହାନାରେ ଭେନେଜୁଏଲାର ତେଲ ଉପରେ ଟ୍ରମ୍ପଙ୍କ ଆଖି

ଭାରତ ଉପରେ ପ୍ରଭାବ ପଡ଼ିବ କି ?

ଲଣ୍ଡନ,୪/୧: ଆମେରିକା ଭେନେଜୁଏଲା ଉପରେ ଆକ୍ରମଣ କରି ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଧରି ନେଇଛି । ମାଦୁରୋ ଏବଂ ତାଙ୍କ ପତ୍ନୀଙ୍କୁ ଏକ ଯୁଦ୍ଧ ଜାହାଜ ଯୋଗେ ଆମେରିକା ନିଆଯାଇଛି, ସେଠାରେ ନ୍ୟୁୟର୍କରେ ସେମାନଙ୍କ ବିରୋଧରେ ମାମଲା ଚାଲିବ । ଭେନେଜୁଏଲାର ବିଶାଳ ତୈଳ ଭଣ୍ଡାର ଉପରେ ଆମେରିକା ନଜର ରଖୁଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଆମେରିକାର ତୈଳ କମ୍ପାନିଗୁଡ଼ିକୁ ଭେନେଜୁଏଲାର ବିଶାଳ ଅଶୋଧିତ ତୈଳ ଭଣ୍ଡାରର ଉପଯୋଗ କରିବା ପାଇଁ ଅନୁମତି ଦିଆଯିବ । ଏହା ସହିତ ସେ ଏହା ମ

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ସାନଘାଗରାକୁ ପ୍ଲାଷ୍ଟିକ୍-ମୁକ୍ତ କରିବାକୁ ଟାଟା ଷ୍ଟିଲ୍‌ର ସଚେତନତା ଅଭିଯାନ

କେନ୍ଦୁଝର,୪/୧(ନି/ପ୍ର): ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ବନ ବିଭାଗର ସହଯୋଗିତାରେ ଟାଟା ଷ୍ଟିଲ୍ ପକ୍ଷରୁ ନିଜତମ୍ବୁ ସାନଘାଗରା ପିକନିକ୍ ସ୍ପଟରେ ଏକ ବିଶାଳ ପରିବେଶ ସଚେତନତା ଅଭିଯାନ ସଫଳତାର ସହିତ ଆୟୋଜିତ ହୋଇଯାଇଛି । ସାନଘାଗରାକୁ ପ୍ଲାଷ୍ଟିକ୍ ମୁକ୍ତ ପିକନିକ୍ ସ୍ଥଳୀରେ ପରିଣତ କରିବା ଉଦ୍ଦେଶ୍ୟରେ ଏକ ସପ୍ତାହରୁ ଅଧିକ ଧରି ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ଅଭିଯାନରେ ୭,୦୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ । କେନ୍ଦୁଝର, କଟକ, ଭୁବନେଶ୍ୱର, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଗଞ୍ଜାମ, ପୁରୀ, ଅନୁଗୁଳ, ଯାଜପୁର, ଖୋର୍ଦ୍ଧା, ଢାଙ୍କାନାଳ, ଜଗତସିଂହପୁର ସହିତ ଲୋଜଲାଡା ଓ ପଶ୍ଚିମବଙ୍ଗର ଝାଡଗ୍ରାମ ଜିଲ୍ଲାରୁ ମଧ୍ୟ ଆସିଥିବା ପର୍ଯ୍ୟଟକ ମାନେ ଏଥିରେ ସାମିଲ ହୋଇଥିଲେ । ବିଭିନ୍ନ ବର୍ଗର ଲୋକମାନେ ପରିବେଶ ସୁରକ୍ଷା ପ୍ରତି ସାଧାରଣ ଦାୟିତ୍ୱବୋଧ ମନୋଭାବ ନେଇ କାର୍ଯ୍ୟ କରିଥିଲେ । ଖ୍ରୀଷ୍ଟମାସ ଓ ନୂଆବର୍ଷ ପୂର୍ବରୁ ଏହି ଅଭିଯାନ ଆୟୋଜନ କରାଯାଇ, ପର୍ଯ୍ୟଟକ ଓ ଭ୍ରମଣକାରୀମାନଙ୍କୁ ପରିବେଶ ସଫା ରଖିବା ପାଇଁ ପ୍ରେରିତ କରାଯାଇଥିଲା । ସଚେତନତା କାର୍ଯ୍ୟକ୍ରମର ଅଂଶ ଭାବେ ପରିବେଶ, ବନ୍ୟପ୍ରାଣୀ ଓ ପ୍ରାକୃତିକ ପରିସ୍ଥିତି ଉପରେ ପ୍ଲାଷ୍ଟିକ୍‌ର କୁପ୍ରଭାବ ସମ୍ପର୍କରେ ସୂଚନା ଥିବା ପ୍ରଚାର ପତ୍ର ବ[ି କରାଯାଇଥିଲା । ଏଥିସହ ଗୋଟିଏ ଥର ବ୍ୟବହାର ହେଉଥିବା ପ୍ଲାଷ୍ଟିକ ବ୍ୟବହାର ନକରିବା ପାଇଁ ଏକ ବ୍ୟାନର ଲଗାଯାଇଥିଲା । ଅଂଶଗ୍ରହଣକାରୀମାନେ ପ୍ଲାଷ୍ଟିକ୍ ବ୍ୟବହାର କମାଇବା ଏବଂ ସାନଘାଗରା ପିକନିକ୍ ସ୍ଥଳୀକୁ ସଫା ଓ ସ୍ୱଚ୍ଛ ରଖିବା ପାଇଁ ଶପଥ ଗ୍ରହଣ କରିଥିଲେ । ଏହି ଅଭିଯାନରେ ସ୍ଥାନୀୟ ସମୁଦାୟ, ପର୍ଯ୍ୟଟକ, ସ୍ୱେଚ୍ଛାସେବୀ, ପରିବେଶ ଟିମ୍ ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଟିମ୍ ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଆୟୋଜନ

କେନ୍ଦୁଝର,୪/୧(ନି/ପ୍ର):ସଡ଼କ ସୁରକ୍ଷା ମାସ ପାଳନ ଅବସରରେ କେନ୍ଦୁଝର ଡ଼ିମ୍ବୋ ସ୍ଥିତ ଙ୍କ. ବସନ୍ତ କୁମାର ବାନୀଙ୍କ ଦ୍ୱାରା ପ୍ରତିଷ୍ଠିତ କେଏସ୍‌ଭି ସାଇନ୍ସ ହାଇର ସେକେଣ୍ଡାରୀ ସ୍କୁଲରେ ଆଂଚଳିକ ପରିବହନ କାର୍ଯ୍ୟାଳୟ, କେନ୍ଦୁଝର ଦ୍ୱାରା ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ସଡ଼କ ନିୟମ, ସୁରକ୍ଷିତ ଯାନ ବାହାନ ଚଳାଚଳ ଓ ଦାୟିତ୍ୱଶୀଳ ଯାତାୟାତ ବିଷୟରେ ସଚେତନ କରାଯାଇଥିଲା । ଏହି ପ୍ରୟାସ ମାଧ୍ୟମରେ ଜୀବନ ସୁରକ୍ଷା ଓ ଦୁର୍ଘଟଣା ରୋକିବା ପାଇଁ ସଡ଼କ ସୁରକ୍ଷା ନିୟମ ମାନିବାର ଗୁରୁତ୍ୱ ଉପରେ ଜୋର ଦିଆଯାଇଥିଲା । ଏହାପରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ କଣ୍ଟେଷ୍ଟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା , ଯାହାର ମାଧ୍ୟମରେ ଛାତ୍ରଛାତ୍ରୀମାନେ ସଡ଼କ ସୁରକ୍ଷା ସମ୍ପର୍କରେ ତାଙ୍କର ଜ୍ଞାନ ପରୀକ୍ଷା କରିପାରିଥିଲେ ଏବଂ ତାଙ୍କ ଭିତରେ ସଚେତନତା ବଢ଼ାଇପାରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରି ଏହାକୁ ସଫଳ କରିଥିଲେ । ଆଂଚଳିକ ରିବହନ କାର୍ଯ୍ୟାଳୟ, କେନ୍ଦୁଝର ଦ୍ୱାରା ସଡ଼କ ସୁରକ୍ଷ ସୁରକ୍ଷା ମାସରେ ଏହିପରି ବହୁ କାର୍ଯ୍ୟକ୍ରମ ଭ୍ରମ ଆୟୋଜିତ କରାଯିବ ଯାହା ଦ୍ୱାରା ସାଧାରଣ ଲୋକଙ୍କୁ ଚେତନ କରିହେବ ବୋଲି ଏହାର ଏହାର ଅଧିକାରୀ ପ୍ରକାଶ କରିଛନ୍ତି ।

ଆତ୍ମନିର୍ଭର ଭାରତ ଗଠନର ସଂଗ୍ରାମରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୪/୧(ନି/ପ୍ର): ଦଙ୍କର ମହତାବଙ୍କ ଜୀବନ ଜାଳ ମଧ୍ୟରେ ସ୍ୱାଧୀନତା ଆନ୍ଦୋଳନ ଏବଂ ତା ପରବର୍ତ୍ତୀ ପର୍ଯ୍ୟାୟରେ ଓଡିଶାରେ ଯେ କୌଣସି ଆନ୍ଦୋଳନ ହୋଇଛି କିମ୍ବା ପ୍ରତିବାଦର ସ୍ୱର ଉଠିଛି, ତା'ର ନେତୃତ୍ୱ ମହତାବ ନେଇଛନ୍ତି କିମ୍ବା ସେହି ଆନ୍ଦୋଳନ ପଛରେ ଦଙ୍କର ମହତାବଙ୍କ ଦୃଢ଼ ପ୍ରେରଣା ରହିଛି ବୋଲି ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଦଙ୍କର ମହତାବଙ୍କ ଶ୍ରାଦ୍ଧ ବାର୍ଷିକୀ ତଥା ୩୯ତମ ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବ ଅବସରରେ କହିଛନ୍ତି । ଭୁବନେଶ୍ୱର ଶହୀଦ ପ୍ୟାରେକୀ ସ୍ୱାଧୀନତା ସଂଗ୍ରାମୀ ସଦନ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦଙ୍କର ମହତାବଙ୍କ ମହାପ୍ରୟାଣ ଦିବସରେ ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଦିବସ ପାଳନ କରାଯିବା ଏକ ଅପୂର୍ବ ସଂଯୋଗ ଏବଂ ଏହା ପ୍ରତ୍ୟେକ ଓଡିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ଦେଶର ସର୍ବଶ୍ରେଷ୍ଠ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ମଧ୍ୟରେ ଦଙ୍କର ମହତାବଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହି ଅବସରରେ ଭୁବନେଶ୍ୱର ମଧ୍ୟବର୍ତ୍ତୀ ଅଂଚଳରେ ଦଙ୍କର ମହତାବଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ସହିତ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ବର୍ଗଙ୍କ ପାଇଁ ଲୁହୁମ୍ବ ଯୋଜନା ପ୍ରସ୍ତୁତିରେ ରହିଛି, ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ

ଶିକ୍ଷକ ବଦଳି ପ୍ରତ୍ୟାହାର ଦାବିରେ ସ୍କୁଲରେ ଚାବି ପକାଇଲେ ଛାତ୍ରଛାତ୍ରୀ

ଚମ୍ପୁଆ,୪/୧(ନି/ପ୍ର): ଶିକ୍ଷକ ବଦଳି ପ୍ରତ୍ୟାହାର ଦାବିରେ ସ୍କୁଲରେ ତାଚି ପକାଇଲେ ଛାତ୍ର ଛାତ୍ରୀ ଓ ଅଭିଭାବକ । ଚମ୍ପୁଆ ବ୍ଲକ ରଜିଆ ସ୍ଥିତ ଅସନ ବାହାଳୀ ସରକାରୀ ଉନ୍ନତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଆଜି ଚାବି ପକାଇଛନ୍ତି ଛାତ୍ର ଛାତ୍ରୀ ଓ ଅଭିଭାବକ । ଫଳରେ ପାଠପଢା ବନ୍ଦ ରହିଛି । ଚମ୍ପୁଆ ବ୍ଲକ ଅନ୍ତର୍ଗତ ଅସନ ବାହାଳୀ ବିଦ୍ୟାଳୟର ସହକାରୀ ଶିକ୍ଷକ ପରମେଶ୍ୱର ମହାନ୍ତଙ୍କୁ ଅନ୍ୟତ୍ର ବଦଳି ନେଇ ଛାତ୍ରଛାତ୍ରୀ, ଅଭିଭାବକ ମାନେ ଘୋର ବିରୋଧ କରିଛନ୍ତି । ବଦଳି ରୁଟି ହୋଇଥିବା ବେଳେ ତରବନିଆ ଭାବେ ଶିକ୍ଷକଙ୍କ ବଦଳି କରାଯାଇଥିବା ଛାତ୍ରଛାତ୍ରୀ ଓ ଅଭିଭାବକ ଅଭିଯୋଗ କରିଥିବା ବେଳେ ଯେ ପର୍ଯ୍ୟନ୍ତ ତାଙ୍କ ବଦଳି ବାତିଲ ନ ହୋଇଛି ବିଦ୍ୟାଳୟ ମାଟକଲୁ ତାଲା ପିଟା ଯିବନାହିଁ ବୋଲି କହିଛନ୍ତି ।

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସପ୍ତାହ ଓ କବି ସମ୍ମିଳନୀ

ଚମ୍ପୁଆ,୪/୧(ନି/ପ୍ର): ଭାରତୀୟ ଜନତା ପାର୍ଟି ଚମ୍ପୁଆ ବିଧାନସଭା ଆନୁକୂଲ୍ୟରେ କାଳିକା ପ୍ରସାଦ ହାଇ ସ୍କୁଲ ଖେଳ ପଡ଼ିଆ ଠାରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଜୟନ୍ତୀ ଓ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀ ଚମ୍ପୁଆ ବିଜେପି ମଣ୍ଡଳ ସଭାପତି କାର୍ତ୍ତିକ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଚମ୍ପୁଆ ବିଧାନସଭାର ବରିଷ୍ଠ ବିଜେପି ନେତା ଡ଼. ମୁରଲୀ ମନୋହର ଶର୍ମା ଓ ବ୍ୟଙ୍ଗ କବି ଜ୍ଞାନ ହୋତା ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦିକା ଝରଣା ମହାନ୍ତ, ଜିଲ୍ଲା ସମ୍ପାଦିକା ରଶ୍ମିତା ପାଣିଗ୍ରାହୀ, ଯୋଡ଼ା ନଗର ମୁନିସିପାଲଟି ପ୍ରତିନିଧି ବି ଏନ ଦାସ, ଜରାଣ୍ଡିଆ ମଣ୍ଡଳ ସଭାପତି ଇନ୍ଦ୍ରଜିତ ମହାନ୍ତ, ଯୋଡ଼ା ମଣ୍ଡଳ ସଭାପତି ପାର୍ଥସାରଥୀ ଷଡ଼ଙ୍ଗୀ, ଚମ୍ପୁଆ ଗ୍ରାମୀଣ ମଣ୍ଡଳ ସଭାପତି ପଙ୍କଜ କୁମାର ମହାନ୍ତ, ବିଲେଇପଦା ମଣ୍ଡଳ ସଭାପତି ରବୀନ୍ଦ୍ର ବାରିକ, ବରିଷ୍ଠ ନେତ୍ରୀ ମମତା ରାଉତ ପ୍ରମୁଖ ଙ୍କ ସମେତ ଚମ୍ପୁଆର ଅନେକ ବିଜେପି କର୍ମନିର୍ଦ୍ଦୀ ଓ ସ୍ଥାନୀୟ ଜନସାଧାରଣ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରରେ ସୁନିଲ ଦାସ ମଂଚ ପରିଚାଳନା କରିଥିଲେ ।

ଖୋର୍ଦ୍ଧା ମଣ୍ଡଳର ରେଳ ସୁରକ୍ଷା ସମ୍ମାନ ଉତ୍ସବ

କେନ୍ଦୁଝର ସବର, ୪/୧(ନି/ପ୍ର): ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ମଣ୍ଡଳର ରେଳ ସୁରକ୍ଷା ସମ୍ମାନ ଉତ୍ସବ ଅନୁଷ୍ଠିତ । ଖୋର୍ଦ୍ଧା ମଣ୍ଡଳର ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ ଯୋଗ ଦେଇ ବିଭିନ୍ନ ସମୟରେ ଉପସ୍ଥିତ ବୃଦ୍ଧି ଓ ସତର୍କତା ଅବଲମ୍ବନ କରି ଦୁର୍ଘଟଣା ଏଡାଇଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରିଥିଲେ । କେନ୍ଦୁଝରରୁ ରେଳ ଚାଳକ ନବୀନ କୁମାର ପଟେଲ, ଖୋର୍ଦ୍ଧାର ଏକେ କଳିଆରସିଂ, ରାଜାଆଠଗଡ଼ର ଟ୍ରାକ୍ ମେଟେଂନର ନିରଞ୍ଜନ ରଣା ଓ ପ୍ରବୀପ କୁମାର ସାହୁ, ଅନୁଗୁଳର ପ୍ରକାଶ ଚନ୍ଦ୍ର ବିଶ୍ୱାଳ ଓ ଗୋଖର ବେହେରା ଏବଂ ଗାହାମାର ମନୋଜ କୁମାର ହାଁସଦାଙ୍କୁ ମାନପତ୍ର ସହିତ ଅର୍ଥ ରାଶି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ମଣ୍ଡଳସ୍ତରୀୟ ସୁରକ୍ଷା ବିଭାଗର ମୁଖ୍ୟଙ୍କ ସମେତ ବହୁ ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ରହି ଉତ୍ସବକୁ ସଫଳ କରିଥିବା ବେଳେ ଏପରି ଏକ ସୁନ୍ଦର କାର୍ଯ୍ୟକ୍ରମ ପାଇଁ ରେଳ କର୍ମଚାରୀମାନ୍ତ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

ଯାତ୍ରୀବାହୀ ବୋଲେରୋରେ ଗୋଚାଲାଣ: ୧୨ ଗୋରୁ ଉଦ୍ଧାର

କାମାକ୍ଷାନଗର,୪/୧(ନି/ପ୍ର): କାମାକ୍ଷାନଗର ସହର ସନ୍ନିକଟ ଜିରୀତମାଳି ଛକଠାରେ ଶୁକ୍ରବାର ବିଳମ୍ବିତ ରାତିରେ ଗୋରୁ ବୋଝେଇ କରିଯାଉଥିବା ୨ ବୋଲେରୋ ଗାଡ଼ିକୁ ଜବତ କରାଯାଇ ସେଥିରୁ ୧୨ ଗାଈକୁ ଉଦ୍ଧାର କରାଯାଇଛି । ଯାଜପୁର ଦିଗରୁ ଦୁଇଟି ବୋଲେରୋରେ ଗାଈଙ୍କୁ ଚାଲାଣ କରାଯାଉଥିବା ଖବର ପାଇ ମାରୁତି ସେନା, ବଜରଙ୍ଗ ସେନାର ସଦସ୍ୟମାନେ ସ୍ଥାନୀୟ ଯୁବକମାନଙ୍କ ସହାୟତାରେ ଜିରୀତମାଳିଠାରେ ଗାଡ଼ିକୁ ଅଟକ ରଖିଥିଲେ । ପ୍ରତି ଗାଡ଼ିରୁ ୬ଟି ଲେଖାଏଁ ୧୨ଟି ଗାଈକୁ ଉଦ୍ଧାର କରାଯାଇଛି । ସାଧାରଣତଃ ବୋଲେରୋ ଗାଡ଼ିରେ ୬ରୁ ଅଧିକ ଲୋକ ବସି ଯାତାୟାତ କରିବା ସମ୍ଭବ ହେଉ ନ ଥିବା ବେଳେ ୬ଟି ଗୋରୁଙ୍କୁ ଅମାନୁଷିକ ଭାବେ ନିଆଯାଉଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗୋରୁ ବୋଝେଇ ବୋଲେରୋ ସହିତ ଗାଈଙ୍କୁ ଉଦ୍ଧାର କରିଛି ।

ଜିଲ୍ଲାପାଳଙ୍କ ଜୟପୁର ବ୍ଲକ ଏବଂ ପୌରାଂଚଳର ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟର ସମୀକ୍ଷା

ଜୟପୁର,୪/୧(ନି/ପ୍ର): କୋରାପୁଟ ଜିଲ୍ଲାପାଳ ମୋନକ ସତ୍ୟଖ୍ୱାନ ମହାଳନ ଆଜି ଜୟପୁର ବ୍ଲକ ଏବଂ ପୌରାଂଚଳର ବିଭିନ୍ନ ଉନ୍ନତୀ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ଅଧିକାରୀ ମାନେ ଜୟପୁର ବ୍ଲକ ଗଡପଦର ଗ୍ରାମ ନିଜତମ୍ବୁ ଝରଣା ନିଜତରେ ବଣଭୋଜି ତଥା ପର୍ଯ୍ୟଟନ ସ୍ଥଳୀ ଭାବେ ବିକାଶ କାର୍ଯ୍ୟ ଦେଖିବା ପାଇଁ ସେଠାରେ ପହଞ୍ଚିଥିଲେ । ଏହାପରେ କାଳିଗାଁ ଗ୍ରାମପଂଚାୟତ ସବର ଗ୍ରାମ ସ୍ଥିତ ପୁଣ୍ଡଣୀ ଉଚ୍ଚ ବିଦ୍ୟାଳୟ ପରିସର ନିର୍ମାଣ ହୋଇଥିବା ଅତିରିକ୍ତ ଶ୍ରେଣୀ କକ୍ଷ, ନୂତନ ବିଦ୍ୟାଳୟ ଭବନ, ୪୦ ସିଟ୍ ବିଶିଷ୍ଟ ଆଦିବାସୀ ଛାତ୍ର ନିବାସ ପରିସର ଏବଂ ନିର୍ମାଣ ହେଉଥିବା ଗ୍ରାମାଂଚଳର ବଜାର ତଥା ମଣ୍ଡି ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିଥିଲେ । ଏହାପରେ ଫାମୁଣି ଗ୍ରାମପଂଚାୟତର ସବର ମହକୁମା ସ୍ଥିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ମିଶନ ଶକ୍ତିଙ୍କ ପାଇଁ ଗ୍ରାମପଂଚାୟତ ସ୍ତରୀୟ ସୁଭଦ୍ରା ଶକ୍ତି କେନ୍ଦ୍ର ପରିଦର୍ଶନ କରିଥିଲେ । ଗଡପଦରସ୍ଥିତ ବଣଭୋଜି ସ୍ଥଳୀ ବିକାଶ କରାଯାଇ ଏକ ପର୍ଯ୍ୟଟନ ସ୍ଥଳୀ ଭାବେ ନିର୍ମାଣ କରାଯିବ ଏବଂ ଏଠାରେ ରହିବା ପାଇଁ ଆଶ୍ରୟ ସ୍ଥଳୀ ଏବଂ ବଣ ଭୋଜିଭାତ ପାଇଁ ପିଣ୍ଡି, ପାନୀୟ ଜଳ ବ୍ୟବସ୍ଥା ଏବଂ ପାଣିକୁ ବେଳେ ବେମ ମାଧ୍ୟମରେ ତଳମୁଣ୍ଡରେ ରହୁଥିବା ଚାଷୀ ମାନଙ୍କୁ ଜଳ ଯୋଗାଣ କରାଯାଇ କୃଷି କାର୍ଯ୍ୟ କରିବାରେ ସହାୟକ କରାଯିବ ।

ଯୁବ କୁଲୁତା ସମାଜର ପରିବେଶ ସୁରକ୍ଷା

ବଲାଙ୍ଗିର,୪/୧(ନି/ପ୍ର): ନୂତନ ବର୍ଷ ଅବସରରେ ସମସ୍ତେ ନିଜ ପରିବାର, ସାଙ୍ଗ ସାଥୀଙ୍କ ସହଣରେ ଆନନ୍ଦ ଉଲ୍ଲାସରେ ମସଗୁଲ ରହିଥାନ୍ତି । ଠିକ୍ ଏତିକି ବେଳେ କିଛି ଯୁବକ ପରିବେଶ ସୁରକ୍ଷା ପାଇଁ ଆଗେଇ ଆସିଥିବା ଦେଖିବାକୁ ମିଳିଛି । ସୂତନା ଅନୁସାରେ, ରାଜ୍ୟ ସରକାର ପ୍ରତ୍ୟଭିମିତ୍ର ପୁରସ୍କାର ପ୍ରାପ୍ତ ସଂଗଠନ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ତରଫରୁ ଲୋଇସିଂହା ବ୍ଲକ ଇଛରପାଲି ଗ୍ରାମ ୟୁ.ପି. ସ୍କୁଲ ଓ ଗ୍ରାମ ବନ୍ଧଆଡିରେ ୩୦ଟି ଗଛ ଲଗାଯାଇଛି । ଏହି ଅବସରରେ ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଲୋଇଙ୍କ ନେତୃତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥିରୂପେ ଜିଲ୍ଲା ପରିଷଦ ସଭ୍ୟ ଝିଲୋକ ବରିହା ଯୋଗ ଦେଇଥିଲେ । ପରିବେଶ ସୁରକ୍ଷା କରିବା, ଜଙ୍ଗଲରେ ନିର୍ଆଁନ ଲଗାଇବା, ମୃତିକା ସଂରକ୍ଷଣ, ଜଳ ସଂରକ୍ଷଣ କରିବା ପାଇଁ ସମାଜସେବୀ ଅସୀମ ଲୋଇ ଗ୍ରାମବାସୀଙ୍କୁ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମରୁ ଯୁବ ସଂଗଠନ ର ଉପଦେଷ୍ଟା ବଶିଷ୍ଠ ପ୍ରଧାନ, ଲୋଷାଧାଣ୍ଡ ଆକାଶ ବିଶ୍ୱାଳ, ଜିଲ୍ଲା ସଦସ୍ୟ ବୃନ୍ଦାବନ ବେହେରା, ଧନେଶ୍ୱର ବେହେରା, ଗୁଳା ପାତ୍ର, ଗୋବର୍ଦ୍ଧନ ବେହେରା, ଙ୍କଜିତ ପାତ୍ର, ପୁରନ ପାତ୍ର, ତପନ ପାତ୍ର, ଙ୍କଜନ ପାତ୍ର, ନିତ୍ୟାନନ୍ଦ ବେହେରା ଓ ଜଙ୍କାଳ ବିଭାଗର ମୁନା ଗଡବା ସହଯୋଗ କରିଥିଲେ । ପ୍ରକାଶ ଥାଉକି, ନୂତନ ବର୍ଷ ଅବସରରେ ପରିବେଶ ପ୍ରେମୀ ଅସୀମ ଲୋଇ ନିଜ ଖର୍ଚ୍ଚରେ ପୁଷ୍ପାରାଜ ହାଜରୁଲ ପଡିଆରେ ଗଛ ଲଗାଇଛନ୍ତି । ଏହି ଅବସରରେ ଯୁବ କୁଲୁତା ସମାଜର ସକ୍ରିୟ ସଦସ୍ୟ ବୃନ୍ଦାବନ ବେହେରା ଲଙ୍କବପାଲି ଗ୍ରାମରୁ ଆସିଶ୍ରୀ ଲୋଇଙ୍କ ଉପସ୍ଥିତିରେ ଭୀମଭୋଇ ରକ୍ତଭଣ୍ଡାରରେ ସ୍ୱେଚ୍ଛାକୃତ ରକ୍ତଦାନ କରିଛନ୍ତି ।

ସ୍ପେସ୍ ଏକାଡେମୀ, ପାହାଳରେ ଜାତୀୟ ନାଟ୍ୟ କର୍ମଶାଳାରେ ଶିକ୍ଷା ପ୍ରଦାନ

ଭୁବନେଶ୍ୱର,୪/୧(ନି/ପ୍ର):ନୂତନ ବର୍ଷ ଆରମ୍ଭରେ ଓଡ଼ିଶା ନାଟକ ଇତିହାସରେ ପ୍ରଥମଥର ଲାଗି ଜାତୀୟ ସ୍ତରର ନାଟ୍ୟ ଅନୁଷ୍ଠାନ ଭାରତେନ୍ଦୁ ନାଟ୍ୟ ଏକାଡେମୀ, ଲକ୍ଷ୍ମୌର ୨୦ଜଣ ଦ୍ୱିତୀୟବର୍ଷର ଛାତ୍ରଛାତ୍ରୀମାନେ ଏକ ମାସିକିଆ କର୍ମଶାଳାରେ ଓଡ଼ିଆ ସାଂସ୍କୃତିକ ପରିପ୍ରକାଶ ବାବବରେ ଜ୍ଞାନ ଆହରଣ କରିବା ନିମି ଆଜି ସେମାନଙ୍କୁ ଶିକ୍ଷାପ୍ରଦାନ କାର୍ଯ୍ୟକ୍ରମ ପାହାଳଠାରେ ଥିବା ସ୍ପେସ୍ ଏକାଡେମୀରେ ଜାତୀୟ ନାଟ୍ୟ କର୍ମଶାଳାର ଶୁଭାରମ୍ଭ ହୋଇଛି । ଏହାର ମୁଖ୍ୟ ପୃଷ୍ଠପୋଷକ ପ୍ରଚେସର (ଡ.) ସତ୍ୟବ୍ରତ ରାଉତଙ୍କ ନିବେଦନାନୁସାରେ ୧୯୮୮ ମସିହାରେ ହୋଇଥିବା ଝିମିଟି ଖେଳ ନାଟକର ହିନ୍ଦୀ ଅନୁବାଦରେ ପ୍ରଦର୍ଶନ କରାଯିବ । ଆସନ୍ତା ୨୯ ତାରିଖରେ ଏହି ନାଟକ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶା ଗବେଷଣା କେନ୍ଦ୍ରରେ ପ୍ରଦର୍ଶିତ ହେବାର ସ୍ଥିର ହୋଇଛି ।

ଅବକାରୀ ବିଭାଗର ଚଢ଼ାଉ, ଦେଶୀ ମଦ ଓ ପୋଚ ଜବତ

ମୈଦଲପୁର,୪/୧(ନି.ପ୍ର): ଜିଲ୍ଲାପାଳ ଡ଼ଙ୍କର ମହେଶ୍ୱର ସ୍ୱାଇଁ, ଅବକାରୀ ଅଧିକ୍ଷକ ପ୍ରତାପ କୁମାର ବାସଙ୍କ ନିର୍ଦ୍ଦେଶାନୁସାରେ, ଅବକାରୀ ନିରୀକ୍ଷକ ବିଜୁଲ୍ତା କୁମାର ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ପାପଡାହାଣ୍ଡି ଅବକାରୀ ଥାନା ଅଧିକାରୀ ସମୀର କୁମାର ସ୍ୱାଇଁଙ୍କ ନେତୃତ୍ୱରେ, ମୈଦଲପୁର ଥାନା ଅର୍ନ୍ତଗତ ଗାଦବାକଡରା ଗ୍ରାମ ନିକଟ ନାଳକୁ ଚଲାସ କରିବାରୁ ୨୫୦୦ ଲିଟର ପୋଚ ଓ ୨୪୦ ଲିଟର ଚୋରା ଦେଶୀ ହାତ ଚଣ୍ଡା ମଦ ଜବତ କରି ଘଟଣା ସ୍ଥଳରେ ନଷ୍ଟ କରାଯାଇ କେସ ଜ୍ଞ ୧୧୧/୨୫ ମାମଲା ରୁଜୁ କରିଛନ୍ତି । ଘୁଟିଗୁଡା ଗ୍ରାମରେ ତଢ଼ାଇ କରି ୮ ଲିଟର ଚୋରା ଦେଶୀ ହାତ ଚଣ୍ଡା ମଦ ଜବତ କରାଯାଇଛି । ଏହି ପ୍ରକାରେ ସେମାନ୍ତ ଗ୍ରାମରେ ତଢ଼ାଇ କରି ୭ ଲିଟର ଚୋରା ଦେଶୀ ହାତ ଚଣ୍ଡା ମଦ ଜବତ କରାଯାଇଛି । ଏହି ଚଢାଉ

ବିବିଧା

୧୦ରୁ 'ଗୋମାତା କାନ୍ଦୁଛି ରାଜରାସ୍ତାରେ'ର ସୁଟିଂ

ଜାନୁଆରୀ ୧୦ ତାରିଖରୁ ନୂଆ ଓଡ଼ିଆ ସିନେମା 'ଗୋମାତା କାନ୍ଦୁଛି ରାଜରାସ୍ତାରେ' ର ସୁଟିଂ ଆରମ୍ଭ ହେବ । ଏହାର ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନାରେ ଅଛନ୍ତି ସୁଧାକର ବସନ୍ତ । ସିନେମାର କାହାଣୀ ଏବଂ ସଂଳାପରଚନା କରିଛନ୍ତି ସୁଭାଷ ପାଡ଼ା । ସିନେମାର ମୁଖ୍ୟ ଚରିତ୍ରରେ ସୁବାରୁ ପାତ୍ର ଦରଦ ଆସିବେ । ଅରୁଣ ମହାନ୍ତି ଗୀତ ରଚନା କରିଥିବା ବେଳେ ସଙ୍ଗୀତରେ ଅଛନ୍ତି ପ୍ରଶାନ୍ତ ପାଢ଼ା । ଗୋ ମାତା ରାସ୍ତାରେ ଅବୋଧାରାଣୁ କେଲା ଫିଲ୍ମର କାହାଣୀ ଆଧାରିତ । ମୁଖ୍ୟତଃ ସିନେମାଟି ଏକ ସାମାଜିକ ବାର୍ତ୍ତା ଲାଭର ସହିତ ଅନ୍ୟ ବେଶକୁ ପ୍ରଦାନ କରିବ ବୋଲି ନିର୍ଦ୍ଦେଶକ ସୁଧାକର ବସନ୍ତ କହିଛନ୍ତି । ଭଲ କଣ୍ଟେଣ୍ଟ ଏବଂ ନିର୍ମାଣ କରାଯାଇଥିବା ଦେଖେ ଟିକୁ ଫେଷ୍ଟିଭାଲ, ୨୦୨୬, ଗୋଆ ପାନାଜୀମ ପିକ୍ଚୁ ଫେଷ୍ଟିଭାଲ, ବିହାର ପିକ୍ଚୁ ଫେଷ୍ଟିଭାଲ ଏବଂ ଆନ୍ତର୍ଜାତୀୟ ସିନେମ ଫେଷ୍ଟିଭାଲକୁ ଦୃଷ୍ଟିରେ ରଖି ସୁଧାକର ଏହି ସିନେମାଟିକୁ ନିର୍ମାଣ କରୁଥିବା ଦେଖିବାକୁ ■

ପ୍ରେକ୍ଷାଳୟରେ ଲାଗିଛି

ଡିସେମ୍ବର ୩୧ରେ ମୁକ୍ତିଲାଭ କରିଛି ନୂଆ ଓଡ଼ିଆ ସିନେମା 'ଲାଗିଛି' । ଏହି କବିତ୍ୱ ଲିଖିତ ଏବଂ ନିର୍ଦ୍ଦେଶନାରେ ନବାଗତ ନବୀନ ଲୋହିତାକ୍ଷ ଚିତ୍ରକରଙ୍କ ପ୍ରଯୋଜନାରେ ନିର୍ମାଣ କରିଛନ୍ତି । ଅଖଣ୍ଡ ପରିଷଦ ଚିତ୍ରପ୍ରଯୋଜକ ପ୍ରଯୋଜିତ 'ଲାଗିଛି' ରେ ନାୟିକା ଅଛନ୍ତି ନବାଗତା ଅଞ୍ଜଲିସା । 'ଲାଗିଛି' ଏକ ଚଳଚ୍ଚିତ୍ର, ମୌଳିକ ଓ ଜିନ୍ସ ଧରଣର କାହାଣୀ ଲୋକଙ୍କୁ ଭଲଲାଗୁ ଭଳିଆ ମନୋରଞ୍ଜନ ପରିବେଷଣ । ଏହାର ଚିତ୍ରନାଟ୍ୟ ଓ ସଙ୍ଗୀତ ଅଛନ୍ତି ପ୍ରଶାନ୍ତ ପାଢ଼ା । ଗୋ ମାତା ରାସ୍ତାରେ ଅବୋଧାରାଣୁ କେଲା ଫିଲ୍ମର କାହାଣୀ ଆଧାରିତ । ମୁଖ୍ୟତଃ ସିନେମାଟି ଏକ ସାମାଜିକ ବାର୍ତ୍ତା ଲାଭର ସହିତ ଅନ୍ୟ ବେଶକୁ ପ୍ରଦାନ କରିବ ବୋଲି ନିର୍ଦ୍ଦେଶକ ସୁଧାକର ବସନ୍ତ କହିଛନ୍ତି । ଭଲ କଣ୍ଟେଣ୍ଟ ଏବଂ ନିର୍ମାଣ କରାଯାଇଥିବା ଦେଖେ ଟିକୁ ଫେଷ୍ଟିଭାଲ, ୨୦୨୬, ଗୋଆ ପାନାଜୀମ ପିକ୍ଚୁ ଫେଷ୍ଟିଭାଲ, ବିହାର ପିକ୍ଚୁ ଫେଷ୍ଟିଭାଲ ଏବଂ ଆନ୍ତର୍ଜାତୀୟ ସିନେମ ଫେଷ୍ଟିଭାଲକୁ ଦୃଷ୍ଟିରେ ରଖି ସୁଧାକର ଏହି ସିନେମାଟିକୁ ନିର୍ମାଣ କରୁଥିବା ଦେଖିବାକୁ ■

ନୂଆ ଚଳଚ୍ଚିତ୍ର 'ସଂଘର୍ଷ'

ଏବେ ପିଲୁଏ ଦଳାଇଲା ବଜାରରେ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ସଂଘର୍ଷ' । ଏହାର ସୁଟିଂ ଫେବୃଆରୀ ମାସ ପ୍ରଥମ ସପ୍ତାହରୁ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଜଣାଯାଇଛି । ଏହି ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ ସହିତ ପ୍ରଯୋଜନା ଓ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଅଖଣ୍ଡ ମିଶ୍ର । 'ଏନ୍ଟୁ' ଚଳଚ୍ଚିତ୍ର ପାଇଁ ଅଶୋକ ଦୁଆ ଦୁଇଟି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସହ ଭଲ ପୁରସ୍କାର ହୋଇଥିଲେ । 'ସଂଘର୍ଷ' ସିନେମାର କାହାଣୀ ବିଷୟକ ଭାରତେ ଗତିଶୀଳ । ଏଥିରେ ଜ. ରଜନୀ ରଞ୍ଜନ ଓ ଗାଡ଼ନ ପୁଜାରୀଙ୍କୁ ଗୀତଗୁଡ଼ିକୁଡ଼ିକୁ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଯଶ ଦାଶ । ସେହିପରି ଏହାର ସଂଳାପ ରଚନା ମଧ୍ୟ ଡ. ରଜନୀ ରଞ୍ଜନ କରିଛନ୍ତି । ତେବେ ୧୯୯୦-୯୧ ମସିହାରେ ଏହି 'ସଂଘର୍ଷ' ନାମରେ ଏକ ଚଳଚ୍ଚିତ୍ର ନିର୍ମିତ ହୋଇଥିଲା । ଏହି ଚଳଚ୍ଚିତ୍ରରୁ ହିଁ ଜାତିଗତ ଭାବରେ ଡ ରଜନୀ ରଞ୍ଜନଙ୍କର ଓଲିଉଡ୍‌ରେ ଏଣ୍ଟ୍ରି ହୋଇଥିଲା । ■

ଶୁଭମୁକ୍ତିକୁ 'ଅପେକ୍ଷା'

ନୂଆ ଆଡ଼ିଆ ଚଳଚ୍ଚିତ୍ର 'ଅପେକ୍ଷା' ଶୁଭମୁକ୍ତି ଅପେକ୍ଷା କରିଛି ପ୍ରଯୋଜକ ଡ. ଡି. ଏଲ. ବର୍ମା, ନିର୍ଦ୍ଦେଶକ ଆନନ୍ଦ ଭୂମାର, ନୂଆପାଠିର କାହାଣୀ ଗାଳିକ ଏବଂ କାହିନୀ ଶୁଭାଶିଷ । ଡ ଏଲ ବର୍ମା ଅନେକ ଚେଷ୍ଟାରୁ ଚଳଚ୍ଚିତ୍ର କରିପାରିଛନ୍ତି । ଏବେବେ 'ଅପେକ୍ଷା' ଟିକୁଟି ସିଲିକ ରେଗେଲ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନୂଆ ଆବହାଓ୍ୱାର ସୃଷ୍ଟି କରିଛି । ନିର୍ଦ୍ଦେଶକ ଆନନ୍ଦ ଭୂମାର, ସଙ୍ଗୀତ ନିର୍ଦ୍ଦେଶକ ଅଛନ୍ତି ଚିତ୍ରେଶ୍ୱର ଦାଶ । କାହାଣୀ ଓ ସଂଳାପ ଆଶୁତୋଷ ବାରିକ ଲେଖିଥିବା ବେଳେ ଗୀତ ରଚନା କରିଛନ୍ତି ଦୁର୍ଗାମ ସାହୁ, ଅମୀମ ମଣ୍ଡା, ବିପିନ, ଇନ୍ଦ୍ରମିଶ ପଟ୍ଟନାୟକ ଓ ଲାଲାଜାଣ୍ଡ ବାଲିକା । ■

କିମିଆ କରିଛି 'ହେ କଳା ବାନ୍ଧବ'

ଆଖି ଖୁଲିବା ମଣିଷ ପାଇଁ ଏ ଦୁନିଆଟା ଅଜବ, ବଡ଼ା ବିଚିତ୍ର । ବଡ଼ା ବି ଅଜବ କାହିଣୀ ଠାହର । ତେବେ ସେହି ବଡ଼ା ସାଆନ୍ତଙ୍କ ଜେମିତି ବେଶେ ଆଖି ନବୁଜା ମଣିଷଟି ? ଦୃଷ୍ଟିଶକ୍ତି ହରାଇଥିବା ବାଲିଟି ବାଲୁବିଥିଙ୍କୁ ବେଶି ରୂପରେ ବର୍ଣ୍ଣନ କଲେ ? ଏ ପ୍ରଶ୍ନର ଗୋଟିଗୋଟି ଛଳରେ ଜିଜ୍ଞାସାରେ ଜିଜ୍ଞାସୁ ହୋଇଥିବା ଏକ ସୁନ୍ଦର ଭାବପୂର୍ଣ୍ଣ ଭଜନ 'ହେ ବଡ଼ା ବାନ୍ଧବ'ରେ ପ୍ରତିଫଳିତ ହୋଇଛି । ଏହା ଏକ ପ୍ରାକୃତିକ ଜିନିଷ ହୋଇଥିଲେ ବେଶ୍ ଦେଖିବାକୁ ଲାଗେ ଏହା ଏକ ଛୋଟ ସିନେମା ପରି । ଏ କାହାଣୀ ଅଭିନୀତ, କାହାଣୀ ଚୌହିନ୍ଦ୍ରନ, କାହାଣୀ ମାଗା ଓ କାହିଆର ବଜୁହର । 'ଜଳି ବଳୁ' ପ୍ରସ୍ତୁତ ଏହି ଗାଡ଼ଟି ଶ୍ରୋତାଙ୍କ ମନକୁ ଛୁଇଁ ଯାଇଛି । ମନୋଜ ଏବଂ ସମୀକ୍ଷକ ହାରା ନିର୍ଦ୍ଦେଶିତ ଏବଂ ଜିଣ୍ଡାଲିକ ଶବ୍ଦପଥାଙ୍କ ଦ୍ୱାରା ପ୍ରଯୋଜିତ ଏହି ଭଜନରେ ଜଣେ ବୁଢ଼ି ଝିଅ (ମାଗା) ର କଳା ଦୃଷ୍ଟି ଅଦ୍ଭୁତ ନିଷ୍ପଳକ ଭଙ୍ଗି ଓ ଆଚରଣକୁ ଅତି ସୁନ୍ଦର ଭାବେ ଚିତ୍ରଣ କରାଯାଇଛି । ଏଥିରେ ମୁଖ୍ୟ ଭୂମିକାରେ ଶିଶୁ ଅଭିନେତା ସାଇ ବିଦ୍ୟାଶ୍ରୀ ଅଭିନୟ କରିଥିବା ବେଳେ ଭଜନରେ କଣ୍ଠବାଜ ମଧ୍ୟ କରିଛନ୍ତି । ଲେଟେରାଲ ଅଭିନେତ୍ରୀ ଜଣା ବିବଶୀ ଏବଂ ଜମ୍ବୁବର ଖୁଣ୍ଟିଆ ଏଥିରେ ଅଭିନୟ କରିଛନ୍ତି । ଭକ୍ତିର ଏହି ସୁନ୍ଦର ଭଜନକୁ ଜାତିବାଦ ପ୍ରଚାର ପରିଷଦ ଶବ୍ଦରେ ସହାୟତାକରି ଥିବେ ପ୍ରାକୃତିକ ଅଭିନୟ ମାଧ୍ୟମ ଦେଇଛନ୍ତି । ତେବେ ପୁରା ଟିମ୍‌ର ଏହି ପ୍ରୟାସକୁ ଦର୍ଶକ ବେଶ ପସନ୍ଦ କରୁଥିବା ବେଳେ ବର୍ତ୍ତମାନ ଏହି ଭକ୍ତିଗୀତି ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହୋଇଛି । ■

ସାକ୍ଷାତକାର

"ଭଲ କଳାକାର ହେବା ପାଇଁ ଧୈର୍ଯ୍ୟ ଦରକାର"

ଆୟୁଷ୍ମାନ ଦାସ, ଅଭିନେତା

ଅଭିନୟ ପାଇଁ କେତେଦୂର ଦୁର୍ବଳତା ଆସିଲା ?

● ପିଲାଦିନେ ଛୁଟିଛାଟିରେ ଯାଉଥିଲି । ପଢ଼ା ପଢ଼ି ପୁରା ଏତେଟା ମନ ଲାଗୁନଥିଲା । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଉଥିଲି । ଏହା ପରେ ମୁଁ ଅଷ୍ଟମ ଶ୍ରେଣୀରେ ପଢୁଥିବାବେଳେ ଟିଭିରେ ଦେଖିଥିଲି । ଅଭିନୟ ପ୍ରତି ଦୁର୍ବଳତା ମୋ ମନରେ ସୃଷ୍ଟି ହୋଇଥିଲା । ଅଭିନୟ ପ୍ରତି ଦୁର୍ବଳତା ଦେଖି ମୋ ମା' ସଙ୍ଗୀତ ମହାବିଦ୍ୟାଳୟରେ ପଢ଼ିବାକୁ ନିଷ୍ପତ୍ତି ନେଇଥିଲେ । ସେଠାରେ ପଢ଼ିବାବେଳେ ଆମ ସେ ଜଣେ ଶାସ୍ତ୍ରୀୟ କଳାଶିଳ୍ପୀ ହେଉଛୁ ମୁଁ ଏକ୍ଷେତ୍ରରେ ଆଗକୁ ଯାଇ ନ ଜଣେ ଶାସ୍ତ୍ରୀୟ ଗାୟକ ହୋଇଥିଲେ । ସ୍ତରକ ପରୀକ୍ଷାପୂର୍ବ ବିଶ୍ୱବିଦ୍ୟାଳୟରୁ ଅଭିନୟରେ ସ୍ନାତକୋତ୍ତର କରିଛି । ବର୍ତ୍ତମାନ ଅଭିନୟକୁ ମୋର ପ୍ରିୟ ଲାଭକରୁ ଆସିଥିଲି ।

ଧାରାବାହିକରେ ପ୍ରଥମ ଚାନ୍ସ କିପରି ପାଇଲେ ?

● ମୁଁ ଯୁକ୍ତ ୩ ପ୍ରଥମ ବର୍ଷରେ ପଢ଼ୁଥିବା ସମୟରେ ଗଳ୍ପ ସୁଟିଂ ମୋତେ ଦୁଇ ମାସ ମଧ୍ୟକେଳନାମକୁ ଦେଖା କରୁଥିଲି । ସୁଭ୍ର ୩ ଦ୍ୱିତୀୟ ବର୍ଷରେ ଅନ୍ତ ଭାଗ ଶୀଘ୍ରରେ 'ମହାଦେବୀ' ଧାରାବାହିକରେ କାମ କରିବାକୁ ସୁଯୋଗ ହୋଇଥିଲା । ଏଥିରେ ମଣିଷକୁ ବାଚା ଚରିତ୍ରରେ କାମ କରିଥିଲି । ଏହା ପରେ ମୁଁ ଦ୍ୱିତୀୟ ବର୍ଷରେ କାମ କରିବାକୁ ସୁଯୋଗ ପାଇଲି । 'ଶିଳ' ଧାରାବାହିକରେ 'ବୁଢ଼ୁ' ଗୋଲିସ ଚରିତ୍ରରେ କାମ କରିଛି । ଛୁଟ୍ ଚରିତ୍ରଟି ଗୋଟାଏ ଅଧିକ ଲୋକପ୍ରିୟତା ଦେଇଛି ।

ଏକେ ଆୟୁଷ୍ମାନ କ'ଣ କରୁଛନ୍ତି ?

● ସବୁ ଦିନରେ 'ସତ୍ୟା ସାତ' ଦ୍ୱାରା ଧାରାବାହିକରେ ଅଭିନୟ କରୁଛି । ଏଥିରେ ମୁଁ ସ୍ୱାମୀ ଶ୍ରୀନାଥର ଚରିତ୍ରରେ କାମ କରୁଛି ।

କଳାକାର ହେବାକୁ ଚାହିଁଲେ ଆବଶ୍ୟକତା କେତେବେଳେ ?

● ପ୍ରତ୍ୟେକ କ୍ଷେତ୍ରରେ ଚାହିଁଲେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସମସ୍ତେ କୁଦ୍ରି କଳା ଅଭିନେତା ହେବାକୁ ହେଲେ ଚରିତ୍ରରେ ବୁଡ଼ିଯିବାକୁ ହୁଏ, ନିଜୁ ଭାବିମ ଦ୍ୱାରା ଚରିତ୍ରରେ ଜେମିତି ପ୍ରତ୍ୟେକ ଭାବିକ ଓ ବୁଡ଼ିଯିବ ଦ୍ୱାରା ରାସ୍ତା ମିଳିଯାଏ । ଏହା ବ୍ୟତୀତ ଅଭିନୟର ମାର୍ଗଟି ହୁଏ । ଚାଲିମ ଦେବା ପରେ ସମସ୍ତେ ଗୋଟେ ମୁଖ୍ୟ ଚରିତ୍ରରେ କାମ କରିବାକୁ ଇଚ୍ଛା ରଖନ୍ତି । ଅଭିନୟ ଏହାକୁ ପାଇଁ ମିଥିମ ଦେଖିବା ଦରକାର ।

ଚରିତ୍ରକୁ ଦେଖିବାକୁ ଆୟୁଷ୍ମାନ କ'ଣ କରନ୍ତି ?

● ଯେଉଁ ଚରିତ୍ର ମିଳେ, ସେହି ଚରିତ୍ରକୁଡ଼ିକ ବାହା ସହିତ ଜେମିତି ବ୍ୟବହାର କରୁଛନ୍ତି । ସେମାନଙ୍କ ବଚ୍ଚନ ପାଣ୍ଟିକ ପରିଚିତି, ଘୋଷଣ ପିଆ ଶୈଳୀ, ସଂଳାପ ଚରିତ୍ର ଲାଗିଲା, ଚରିତ୍ରରେ ନଜରି ମାର୍ଗଣ୍ଟ ଏଣ୍ଡ ଏଣ୍ଡ ମେଣ୍ଟ ନେବୁଛି ସେ ସବୁକୁ ଖୁବ୍ ଗୁରୁତ୍ୱ ଦିଏ ।

ଆଗାମୀ ଯୋଜନା ?

● ଏହି ଧାରାବାହିକ ସରିବା ପରେ ସାଙ୍ଗସାଥୀଙ୍କ ସହିତ ବିଜି ସମୟ ବିତାଇବା ଅଗ୍ରେ ମୁଁ ପୁରା ମୋର ଜୀବନକୁ ଖୁବ୍ ଉପଭୋଗ କରିବି । ଜୀବନ ଥିବା ଯାଏଁ ମୁଁ ଅଭିନୟ କରିବି ।

ପ୍ରକଳ୍ପର ପ୍ରଭାବ ?

● 'ଝିଲି' ଧାରାବାହିକରେ 'ବୁଢ଼ୁ' ଭୂମିକା ମୋତେ ବହୁତ ଭଲ ଲାଗିଥିଲା । ଯେଉଁଦିନ ଆଜ ଯେଉଁଦିନ ଘେଉଛନ ବହୁତ ବିଜି ରହିଛି । ମୁଁ ଯେତେବେଳେ ଘେଉଛି ସେତେବେଳେ ବହୁତ ଖୁସି ଲାଗିଥିଲା । ଶୋଟିଙ୍ଗ ଅବଧିରେ ବହୁତ ଚରିତ୍ରକୁ ଦର୍ଶକ ବହୁତ ଭଲପାଇବା ଦେଖିଲା । ସ୍ୱାମୀଙ୍କ ଗଣ୍ଡମାଙ୍କ ଭାଗ ଦରିଦ୍ରକୁ ଦେଖା ଦର୍ଶକ ହେବା ମୋ' ପାଇଁ ସୌଭାଗ୍ୟର ବିଷୟ ।

ଫିଟ୍ ରହିବାର ଗୁପ୍ତକୁଞ୍ଜି ?

● ଜଳାଜଳ ମାର୍ଗ ଫିଟ୍ ରହିବା ଜିନିଷ ବରକାର । କାରଣ ଆମ୍ଭମାନ ଜାମ କରିବା ଚରିତ୍ର ଟିକେ ଭିନ୍ନ ଥାଏ । ବିଭିନ୍ନ ଚରିତ୍ର ଚରିତ୍ର ସାଙ୍ଗ ସାଙ୍ଗକୁ ସାଧ୍ୟାୟ ଯୋଗ ଭ୍ରମଣ ଆଦି ଥାଏ । ଏଣୁ ଶାରୀରିକ କାର୍ଯ୍ୟକ୍ରମ, ଯୋଗ, ବ୍ୟାୟାମ କରିବା ସହ ସନ୍ତୁଳିତ ଖାଦ୍ୟ ଯେପରିକି ଖୁବ୍ ଦିଏ ।

ଅଭିନୟରୁ ବାହାରେଲେ କ'ଣ କରିବାକୁ ଭଲ ପାଆନ୍ତି ?

● ବ୍ରିଜେଟ୍ ଖେଳିବାକୁ ପସନ୍ଦ କରେ । ଏହା ଦ୍ୱାରା ମୋତେ ଶାନ୍ତି ମିଳେ । କାମକୁ ଖୁବ୍ ଖୁବ୍ ଦିଅନ୍ତୁ ।

ଅଭିନୟରୁ ଯେଉଁ ଟଙ୍କା ଆସୁଛି, ସେମାନଙ୍କୁ କ'ଣ କରିବେ ?

● ଅଧିକାଂଶ ପିଲା ଲାଗାଲାଗି ଲୋକପ୍ରିୟତା ଦେବାକୁ ଇଚ୍ଛା ରଖନ୍ତି । ମାଇକାଲିକ ପିଲାଙ୍କ ଟେଲିମ ଶକ୍ତି ବଢ଼ୁଛ ଜମ୍ । ତେବେ ମୁଁ ଜଣିଛି ଜଣେ ବଡ଼ଜାତୀୟ ଜିନିଷରେ ଟେଲିମ ଜେଲିବା ବଢ଼ୁଛ ଜମ । ଏହି ଜାଗରେ ଜୀବନଧାରା ରହିବ । ଦେଖୁଥିବା ଜାମକୁ ଖୁବ୍ ଦିଅନ୍ତୁ ।

ପରବା ପଛର କାହାଣୀ

ଲିଆଁରେ ଅଭିନୟ ପାଇଁ ଫିଟ୍ ଫିଟ୍

ନିଜ ଦମ୍ପତ୍ୟାର ଅଭିନୟର ଦଶ ଆକ୍ଷର ପିନ୍ ପାଇଁ କଳିଯୁଗର ଅଭିନେତା ଧର୍ମେନ୍ଦ୍ର ଦେଶ୍ ଲୋକପ୍ରିୟ । ଦୀର୍ଘ ଜୀବନକାଳ ମଧ୍ୟରେ ଶହ ଅଧିକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଦେଇ ଦେଇଛନ୍ତି । ସେମିତି ଏକ ଫିଲ୍ମ ହେଉଛି ୧୯ ୬ ୭ ମସିହାରେ ରିଲିଜ ହୋଇଥିବା 'ଫୁଲ ଔର ପତ୍ଥର' । ଏହି ଫିଲ୍ମ ପାଇଁ ଧର୍ମେନ୍ଦ୍ର ଜାତୀୟ ଖ୍ୟାତି ପାଇଛନ୍ତି । ତେବେ ଫିଲ୍ମରୁ ନେଇ ଏକ ଲୋକକ କାହାଣୀ ରହିଛି । ଏହି ଫିଲ୍ମରେ ଧର୍ମେନ୍ଦ୍ର ମଜବୁତକ ନିଆଁରେ ସୁଟିଂ କରିଥିଲେ । ଫଳରେ ତାଙ୍କ ପୁରାହାତରୁ ଝଳସି ଯାଇଥିଲା । ଫିଲ୍ମର ଏକ ଦୃଶ୍ୟରେ ଧର୍ମେନ୍ଦ୍ରଙ୍କୁ ଜଳନ୍ତା ଝିଟିପିଟି ଜଳେ ଗୋଟ ଝିଅଙ୍କୁ ଉଦ୍ଧାର କରିବାର ଥିଲା । ତେବେ ନିଆଁ ଦେଖିବା ପରେ ଧର୍ମେନ୍ଦ୍ରଙ୍କ ପାଇଁ ଏହି ଦୃଶ୍ୟ ସୁଟ୍ କରିବା ସୁରକ୍ଷିତ ନ ଥିଲା । ଫିଲ୍ମ ନିର୍ଦ୍ଦେଶକ ଏ. ଭି. ରାଜନ୍‌ଙ୍କୁ ଅନୁରୋଧ କରିଥିଲେ । ଏଥିପାଇଁ ଏକରି ବିପଦଜନକ ଭାବେ ସୁଟ୍ ନ କରିବା ପାଇଁ ତାଙ୍କୁ କହିଥିଲେ । କିନ୍ତୁ ଧର୍ମେନ୍ଦ୍ର ଏହାକୁ ଠିକ୍ ଭାବେ ବୁଝି ପାରି ନଥିଲେ । ଫଳତଃ ଏହି ଦୃଶ୍ୟ ସୁଟିଂ ରହିବା ପାଇଁ ନିର୍ଦ୍ଦେଶକ ଦେବେ ଦେଖି ରାଜି ହୋଇଥିଲେ । ଆଉ ଧର୍ମେନ୍ଦ୍ର ଏହି ନିଆଁ ଦୃଶ୍ୟ ସୁଟିଂ କରିଥିଲେ । ପରବର୍ତ୍ତୀରୂପ ସେ ନିଆଁରେ ମେଡ଼ି ଗାଇଥିଲେ । ଏହି ଫିଲ୍ମ ବହୁ ଅପିଚ୍‌ରେ ଥିଆଟର କରିଥିଲା । ୧୯୬୩ ମସିହାରେ ନିର୍ମିତ 'ଫୁଲ ଔର ପତ୍ଥର' ପ୍ରାୟ ୧୨ କୋଟି ଟଙ୍କା ଆୟ କରିଥିଲା । ଏହାର ସଙ୍ଗୀତ ବାଦ୍ୟ ଦୃଷ୍ଟିରେ ରଖି ଏହାକୁ ଦାମିଲ, ତେଲୁଗୁ ଏବଂ ମାଲାୟଲମ୍ ଭାଷାରେ ରିମେକ୍ କରାଯାଇଥିଲା । ଏହି ଫିଲ୍ମରେ 'ଶାକା' ନାମକ ଏକ ଗାଧାଙ୍କୁ ଧର୍ମେନ୍ଦ୍ର ଧର୍ମେନ୍ଦ୍ର ଅଭିନୟ କରିଥିଲେ । ଏଥିରେ ଜ୍ରୀଜେକି କୁଇନ୍ ମାନା କ୍ୟାରାଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା । ଲଲିତ ଅଭିନୟକୁ ଦର୍ଶକମାନେ ଖୁବ ପ୍ରଶଂସା କରିଥିଲେ । ■

ଗାଁ ଛାଡ଼ି ଆସି ଅଭିନୟ ପାଇଁ ଛଟପଟ

ପାଠପଢ଼ାରେ ତାଙ୍କର ମନ ଲାଗୁ ନ ଥିଲା । ସ୍କୁଲ ଓ କଲେଜରେ ସବୁଠି ଅଭିନୟ କରି ପୁରସ୍କୃତ ହେଉଥିଲେ । ତାଙ୍କ ଭିତରେ ଅଛା ପ୍ରତିଭାକୁ ପ୍ରଥମେ ମା' ଚିହ୍ନିଥିଲେ । ଖୋର୍ଦ୍ଧା ଜିଲ୍ଲା ବନମାଳିପୁର ଗାଁର ଆୟୁଷ୍ମାନ ଦାସ ମାଆଙ୍କ ମାର୍ଗଦର୍ଶନରେ ଭାଙ୍ଗୁଳ ସାଙ୍ଗାଡ଼ ମହାବିଦ୍ୟାଳୟରେ ଡ୍ରାମା ଦିଭାଗରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି । ଏହା ପରେ ସେ ଧାରାବାହିକରେ ନିଜ ଭାଗ୍ୟ ପରୀକ୍ଷା କରିଥିଲେ । 'ମହାଦେବୀ' ତାଙ୍କର ପ୍ରଥମ ଧାରାବାହିକ । ପରେ ଜିଛି ହାତଗଣତି ଧାରାବାହିକରେ ଅଭିନୟ କରିଛନ୍ତି ଆୟୁଷ୍ମାନ । ଏବେ ହିନ୍ଦୀ ଧାରାବାହିକ 'ସତ୍ୟା ସାତୀ'ରେ ଖଳନାୟକ ଚରିତ୍ରରେ ଅଭିନୟ କରୁଛନ୍ତି । ତମଜାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ଆୟୁଷ୍ମାନଙ୍କ ସମ୍ପର୍କରେ ଜାଣିବା ତାଙ୍କ ସଂଘର୍ଷର କାହାଣୀ ।

ଦୈନିକ ସମାଚାର

ସମ୍ପାଦକୀୟ...

ସୋମବାର ୫ ଜାନୁଆରୀ ୨୦୨୬

ଅଭାଷଣ ନୀରବ ନୁହଁନ୍ତି

ମୌନୀ ମାନେ ଭାଷଣ କେବେ ଦିଅନ୍ତି ନାହିଁ ହେଲେ ଭାଙ୍ଗ କଲମ, ବା ସ୍ଲେଟ ଖଡ଼ିରେ ଲେଖି ଆସନ୍ତୁଲ ପୃଛକଙ୍କ ପ୍ରଶ୍ନର ଉତ୍ତର ଲେଖି ଦିଅନ୍ତି । ପୁଣି ତାଙ୍କର ନିଜର ଆବଶ୍ୟକ ଦ୍ରବ୍ୟ ଉଦ୍ଦେଶ୍ୟ ସେହିପରି ଲେଖି ଜଣାନ୍ତି । ପୂର୍ବେ ଲେଖାଏଁ ଲୁହାର ଥିଲା । ଏହା ସହ ଗୋଟାଳି, କୋଚିଲା ଖଡ଼ିରେ ଲେଖାଯାଉଥିଲା । ତାହା ମୌନୀ ମାନେ ବ୍ୟବହାର କରୁଥିଲେ । ଗୋଟାଳିରେ ଖଡ଼ି ପକାଯାଉଥିଲା । ନବଜାତକଙ୍କର ଟିପଣୀ ଲେଖା ଆରମ୍ଭ ଗୋଟାଳିରେ କରାଯାଉଥିଲା । ଏ ସମୟରେ ଉଅଟ କଲମ ଦ୍ୱାରା ଭାଙ୍ଗରେ ତାହା ଲେଖାଯାଉଛି, ପ୍ରଥମେ ସୁଜ ଫଳର ଚିନ୍ତନ ତାପରେ ବିଭିନ୍ନ ବିଶେଷ ବିଶେଷ ତଥ୍ୟ ଜାଣିବା ପାଇଁ ଅନେକ ପ୍ରକାର ଚକ୍ରର ଆଶ୍ରୟ ନିଆଯାଏ । ବହୁ ତଥ୍ୟ ସେହି ନୀରବ ଚକ୍ରରେ ଭଙ୍ଗି ମାଡ଼ୁଥାଏ । ସେମାନେ ଅଭାଷଣ ମାତ୍ର ସେମାନେ ସେ ଲେଖାରେ ସାଙ୍କେତିକ ଅସଂଖ୍ୟ ସୂଚନା ଦେଉଥାନ୍ତି । ହେଲେ ବେଖାଲୁ ୨୦୨୬ ମସିହାର ପ୍ରବେଶ ଭାଙ୍ଗର ଟିପଣୀ ସୁଜରେ ବିଶ୍ୱସାରା ଏକାଗ୍ରହ ଭାରତ ପାଇଁ ଏକ ଲଗ୍ନ ସ୍ଥିତି, ମାତ୍ର କେବଳ ଲଗ୍ନ ସ୍ଥିତି ଏକ ରାଶିରେ ରହି ବିଭିନ୍ନ ରାଜ୍ୟ ଓ ଭାରତର ରାଜଧାନୀ ନୂଆଦିଲ୍ଲୀ ପାଇଁ ଅଲଗା ଅଂଶ ହୋଇଯାଇଛି ଆମେରିକାର ରାଜଧାନୀ ପାଇଁ ଚନ୍ଦ୍ର ସ୍ଫୁଟ ବଦଳି ଆଗ ନକ୍ଷତ୍ର ହୋଇଯାଇଛି । ଅଗ୍ନୀ ଅଧିକାର ନକ୍ଷତ୍ର ବୃଦ୍ଧି, ଗଳ ଦେବର ଆଦିମନ୍ତ ଅଗ୍ନିଙ୍କ ଉଦ୍ଦେଶ୍ୟରେ ଲେଖିତ ଅଗ୍ନିଭୂମାର ଭାର୍ତ୍ତିକ ଏକ ନକ୍ଷତ୍ରରେ ଜନ୍ମ । ଷଡ଼୍‌ବୃଦ୍ଧିକା ଭାଙ୍କର ଲାଳନ କରିଥିଲେ । ଆଦ୍ୟ ଅକ୍ଷର ଅ, ଆ ଏଇ ନକ୍ଷତ୍ରରେ ହିଁ ସ୍ଥାନ ପାଇଛି ଖାଲି ଏତିକି ନୁହେଁ, ପରପର ସମସ୍ତ ସ୍ୱର ବର୍ଣ୍ଣର ଅନ୍ୟ ଅକ୍ଷର ଇ, ଉ, ଏ ଓ ହ୍ରସ୍ୱ ଓ ଦୀର୍ଘ ସ୍ୱର ସ୍ତରରେ କୃତିକା ରୋହିଣୀ ମଧ୍ୟରେ ଅଛନ୍ତି । ସ୍ୱରବର୍ଣ୍ଣ ବିନା ବ୍ୟଞ୍ଜନ ବର୍ଣ୍ଣ ଉଚାରିତ ହୋଇନପାରେ । ଅତଏବ ଅତି ଗୁରୁତ୍ୱପୂର୍ଣ୍ଣ ଏହି ନକ୍ଷତ୍ର, ଦେବ ସେନାପତି ଭାର୍ଜିଙ୍କଙ୍କ ପାଇଁ ପରମସୋଗୀଙ୍କ ସହ ପରମା ସୁନ୍ଦରୀ ରାଜ କୁମାରୀଙ୍କ ମିଳନ ଘଟିଥିଲା, ତ୍ରିପୁରା ଅସୁର, ବିନାଶ ଯାହା ତଳାଳାନ ଅବଶ୍ୟକ ଥିଲା । ତ୍ରିପୁରା ମାନେ ଜ'ଣ ଏହା ଖୋଜ କଲେ ବୁଝାପଡ଼ିବ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଏଇତ ତ୍ରିପୁର । ଅନ୍ତରୀକ୍ଷ ପୃଥିବୀର ମାଟି, ଆଉ ସମୁଦ୍ରର ଜଳ, ଏହି ତିନି ଏ ବି ତ୍ରିପୁର । ମର୍ତ୍ତ୍ୟମାନେ ମୃତ୍ୟୁ ଲୋକ ଯେଉଁଠି ମୃତ୍ୟୁ ଅଛି । ସେ ଜନ୍ମ ତାର ମୃତ୍ୟୁ ହେବ ହିଁ ହେବ । ଏହିତିନ ଏବେ ଭୂଲ ଦର୍ପିଙ୍କର ଦଖଲ ଉଦ୍ୟମ । ଅଥଚ୍ଚ ଅଜାଳମୃତ୍ୟୁ ସୁନ୍ଦର ମାନଙ୍କର ସଂସାରେ ରଚଣା ଏହି ତ୍ରିପୁର ଅଧିକାରୀଙ୍କ ଚିତା ଲାଗୁ ହୋଇ ବହୁ ଆସରୁ ଆସିଗଲାଣି । ହେଲେ ନବ୍ୟ ଦେବସେନା ପଡ଼ି ଆସିବା ପ୍ରତୀକ୍ଷା ବଡ଼ ସୁନ୍ଧ ସୂଚନା ବେଲେ ବି ସଂସାର ଆଗକୁ ସାର୍ବଜନୀନ ସମ୍ବିଧାନ କାନୁନରେ ଚାଲିବ ଜଣାପଡୁଛି, ଗ୍ରହସ୍ଥିତିର ଉଦଘୋଷ ବୃଷରେ ଚନ୍ଦ୍ର, ମିଥୁନରେ ବୃହସ୍ପତି, ସିଂହରେ କେତୁ, କନ୍ୟାରେ ଲଗ୍ନ, ଧନୁରେ ରବି, ମଙ୍ଗଳ, ବୁଧ, ଶୁକ୍ର, କୁମ୍ଭରେ ରାହୁ, ମୀନରେ ଶନି, ଦ୍ୱାଦ୍ଵିକ କନ୍ୟାରେ ଲଗ୍ନ, ଧନୁରେ ୪ ଗ୍ରହ ମୀନରେ ଶନି ଏକ ଗ୍ରହ ଓ ମିଥୁନରେ ବୃହସ୍ପତି ଅଛନ୍ତି । ହଁ ନାହିଁ, ମରାମରି (ଭୁଲ ଏବଂ ଠିକ) ସୁନ୍ଧ ଭାବରେ ସବୁ ଗ୍ରହ । ଆମର ଓଡ଼ିଆ ଲୋକରେ ଏକ କଥା ଅଛି ଅଶରଣ ବେଳେ ଭଉଣୀ ଜ୍ଵାଇଁ ସ୍ୱାମୀ ଯାହା ପରିସ୍ଥିତି ସେପରି କରାଇବାକୁ ବଡ଼ ମୁଣ୍ଡିଆଙ୍କୁ ବାଧ କରିବ, ଧନୁ ମାଳିକ ମିଥୁନ, ମିଥୁନ ମାଳିକ ଧନୁରେ ଏସବ ଆରମ୍ଭ ବିନଲୁ ରହିଛନ୍ତି ଏମାନେ ଭଗ୍ନ ଝୁର ଗ୍ରହଙ୍କ କେନ୍ଦ୍ରରେ ପୁଣି ବିପଜି ରାହୁଙ୍କ ବୃଦ୍ଧି ବୃହସ୍ପତିଙ୍କ ଉପରେ, ବୃହସ୍ପତି ଏ ଲଗ୍ନର ୪ ର୍ଥ ଓ ୭ମ ପତି, ଏହା ଉପରେ ରାହୁବୃଦ୍ଧି ଅର୍ଥ ବିଦେଶୀ କାନୁନରେ ଏପରି ଗୁପ୍ତ ଅଭିସନ୍ଧି, ବାଣିଜ୍ୟିକ, ନିୟମ ଲାଗିବ ଯାହା ଦେଶର ଜନତାଙ୍କ ଉପରେ ବୋଝ ଉପରେ ଭଳିଦା ବିଡ଼ା ପରି ଲାଗିବ । ଅଗ୍ନି ରାଶି ସିଂହ ଓ ଧନୁ ଏଥିରେ ବହୁଗ୍ରହ । ମୁଁ ଜାର କର୍ଣ୍ଣଧାରଙ୍କ ବ୍ୟାପକ ହେବ ରବି ମଙ୍ଗଳ ଯୋଡ଼ି ଅଗ୍ନି ରାଶିରେ ତଥା କେତୁ ଅଗ୍ନିରାଶିରେ ବଣ୍ଡ ଭେଦ ନିତି ରାଜ ପ୍ରଭାବରେ ଉଦ୍ଧତ ହେବ କପତକୁ ପଶା ପକାଇବାରେ ବଣିକରାଜମାନେ ନୂଆ ନୂଆ ପ୍ରଚାରରେ ଲୋକଙ୍କୁ ଲୁଆରେ ପଛାଇବେ । ପୃଥ୍ୱୀ ରାଶିରେ ଲଗ୍ନ ଓ ଚନ୍ଦ୍ର ଏପରିକି ବୁଧ ରାଶି ମାଳିକ ବୁଧ ଶୁକ୍ର ଶନିଦୃଷ୍ଟିରେ ଫସଲ ଉତ୍ପାଦନ ଯାହା ହେଉ ବରବାମ ବଢ଼ିବ ସପ୍ତମ ଶନି ସମ୍ପତ୍ତି ହ୍ରାସ କରାଇବା ସହ ବିଦେଶୀ ପଣ୍ୟ ଆମଦାନୀ ବଢ଼ାଇବ । ଚାଷ ଜମିରେ ଅବିଳମ୍ବ ବର୍ଷା ଫସଲ ହାନି କରାଇବ । ଜଳ ଗ୍ରହ ଚନ୍ଦ୍ର, ଶୁକ୍ର, ଶନି ଦୃଷ୍ଟିରେ ଜଳ ଭଣ୍ଡାର ରାଶି ମୀନ ଏଠାରେ ଶନିଭସ୍ମସ୍ଥିତି ପ୍ରତିଜଳ ଭଣ୍ଡାରର ପ୍ରତି ବୃଷ୍ଟି ଶକ୍ତିର କୁଜକର ଅଛି, ଜଳ ସରବରାହରେ ପ୍ରତିବନ୍ଧକ ଲାଗିବ, ବହୁତ ବର୍ଷ ପରେ ଭୂମ ରାଶିରେ ସ୍ଥ ମୂଳ ତ୍ରିକୋଣ ରାଶିରେ ରାଶିପତି ଶନି ସହ ବନ୍ଧିତା ରଖି ବବବାନ ଗ୍ରସ୍ତ ରାଶି ଭୂମ ରାଶି ଏହାପୁଣି ଖଣିର ରାଶି ଖଣିଜ ତେଲ ବ୍ୟବସାୟ ଦେଶ ଗ୍ରସ୍ତ ମନ୍ତ୍ରଣାରେ କୃତ୍ରିମ ଅଭାବ ସୃଷ୍ଟି କରିବେ । ତେଲଦାର ବଢ଼ିବ, ଶକ୍ତି ସଙ୍କଟ ରବିମାଙ୍କଳ ପ୍ରତି ଶନିଦୃଷ୍ଟି ଯୋଗୁ ପଡିବ । ବୈଦେଶିକ ନୀତିରେ ବହୁଷ୍ଟରରେ ପରିବର୍ତ୍ତନ ହେବ, ଶୁଭ୍ର ଦିସବଳୀ ଚନ୍ଦ୍ର ବୃଷରେ ସ୍ଥାନବଳୀ ମାତ୍ର ଶନି ଦୃଷ୍ଟିରେ ବୁଜକଣ ଯାଇ ଅଛନ୍ତି ଆମ ଦେଶ ଅର୍ଥନୀତି ଉପରେ ବିଦେଶୀ ଚାପ ପଡ଼ିବ । ଦେଶରେ ବରବାମ ବଢ଼ିବ, ପର୍ବ ଭୂଷଣ ଭାରତ ବର୍ଷର ଧନୁ ସିଂହସ୍ଥ ଅଗ୍ନି ରାଶିସ୍ଥ ଗ୍ରହଙ୍କ ଯୋଗୁ ପୁଣି ରାଶିପତି ବୁଧ ଅଗ୍ନି ରାଶିରେ ୫ମ ଓ ୬ଷ୍ଠ ପତି ଦୃଷ୍ଟିରେ ଆସୁଥିବାରୁ ବଙ୍ଗୋପସାଗର ପଟ ଅତି କରୁରୀ ଚୌକ ଲଗାଇ ନିରାପଦ ରଖାଯିବା କରୁରୀ । ଆଲୋକ ପଟରେ ସବୁଗ୍ରହ ଶେଷରେ ଏକମାତ୍ର ବୃହସ୍ପତି । ପାପଗ୍ରହ ଶନିମଙ୍ଗଳ ବିଦା ଆଲୋକ ପଟରେ କେତୁ ଗୁରୁ, ଚନ୍ଦ୍ରଙ୍କ ଆଲୋକ ପଟରେ, ଲୁଟି ଛପି ଅପଚଣ ଧନ ଲୁଟ ବଢ଼ିବ, ମୁଦ୍ରା ନୂଆ ବାହାରିବା ସୂଚନା ମିଳୁଛି ସୁନା ଦର ଆହୁରି ବଢ଼ିବ । ବହୁଜନ କ୍ଷୟ ହେବେ, ସାଂଘାତିକ ରୋଗର ଔଷଧ ଜଣାପଡ଼ିବ । ଛାତ୍ର ଗଣ୍ଡଗୋଳ ଦାସ ଦାସୀ ବୃତିରେ ନିୟୋଗ ମାନେ ବିଦ୍ରୋହୀ ହେବେ । ବିଚାର ବିଭାଗର ନୂଆ କାନୁନ ଉଚ ରାଶି ଗମନ ଉଦ୍ୟମୀ ଶକ୍ତିଶାଳୀ ବୁଦ୍ଧସୁଗ୍ଧ ଗ୍ରହ ମଙ୍ଗଳ ଗୁରୁଙ୍କ ଯୋଗୁ ଲଗାଇବ । ନୂଆ ନେତା ଆସିବା ଉଚିତ । ପଂଚାୟତ ନିର୍ବାଚନରେ ଚାହାରି ମୁଣ୍ଡ ଯିବ, ଶକ୍ତିଶାଳୀ ବୋଲାଇବା ନେତାଙ୍କ ବଢ଼ପଣ ବୋହଲିବ, ଆହୁରି ଅଛି ଅନ୍ୟ ଲେଖାରେ ଲେଖାଯିବ ।

ମହୋଦଧିଙ୍କୁ ମହାଆଳତି

ଶ୍ରୀକ୍ଷେତ୍ରରେ ପୌଷ ପୂର୍ଣ୍ଣିମା ଅନେକ କିଛି ସ୍ୱତନ୍ତ୍ରତା ପରିପୂର୍ଣ୍ଣ । ପୌଷ ମାସର ଶେଷ ଦିନ । ବିଦାୟ ଏଥର, ଶୀତ ମାଗିବ ଅସରନ୍ତି ଯିବା ପାଇଁ । ପୁରାଣ ଅନୁସାରେ ଏହିଦିନ ପ୍ରଭୁ ଶ୍ରୀରାମଙ୍କ ଅଭିଷେକ ଉତ୍ସବ ପାଳନ କରାଯାଇଥାଇ । ଶ୍ରୀମନ୍ଦିରରେ ତଦନୁସାରେ ଏହିଦିନ ପୁଷ୍ୟାଭିଷେକ ନୀତି ପାଳନ କରାଯାଏ । ଭକ୍ତଙ୍କୁ ପାଇଁ ଏହା ଏକ ମହାର୍ଘ ଦିନ । ନିଜର ଇଷ୍ଟଙ୍କୁ ରାଜରାଜେଶ୍ୱର ବେଶରେ ଦେଖିବା ପାଇଁ ଜିଏ ବା ନଚାଉଁଥି । ଶ୍ରୀକ୍ଷେତ୍ରରେ ପୌଷ ପୂର୍ଣ୍ଣିମା ତିଥିର ସଜାଳ ଆସେ ଭାଙ୍କର ଭିତରୁ ଓ ସଜ୍ଜ ପଶେ ଭାଙ୍କର ଭିତରେ । ପରିବେଶରେ ଭାଢ଼ି ଶୀତର ରାଜୁତି । ଏପଟେ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରାଜରାଜେଶ୍ୱର ବେଶ ଓ ସେପଟେ ଗୋବର୍ଦ୍ଧନ ପୀଠାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦଙ୍କ ଜରଜମକରେ ମହୋଦଧି ଆଳତି ବାସ୍ତବରେ ପରିବେଶରେ ଏକ ଭାକ୍ତିକ ଉଷ୍ମତା ଭରିଦିଏ । ବିଶ୍ୱର ଅଧ୍ୟାତ୍ମ ରାଜଧାନୀ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରରେ ଏପଟେ ଜନସମୁଦ୍ର, ସେପଟେ ମହାସମୁଦ୍ର ମହୋଦଧି । ଏପଟେ ଭକ୍ତ ବିଭୋର ହୁଏ ମହାପ୍ରଭୁଙ୍କୁ ରାଜରାଜେଶ୍ୱର ବେଶରେ ଦେଖି । ସେପଟେ ଜଗତଜନଙ୍କ ଆତ୍ମଶୁଦ୍ଧି ପାଇଁ ସ୍ୱର୍ଗଦ୍ୱାର ପାଖେ ଆଳତି ଜଳେ କୁଳକୁଳୁ ଜଗତସୁଗ୍ଧକ ବିଦ୍ୟ ହାତରେ । ଜଳବଳେବ ବନ୍ଦନା । ପଂଚଭୂତର ନିରାଳନା ହୁଏ ଆଳତି ମାଧ୍ୟମରେ । ପରମ ପାବନ ବିଦସ ଶେଣ୍ଟୁ ପୌଷ ପୂର୍ଣ୍ଣିମା । ପୁରାଣ ବର୍ଣ୍ଣନାନୁସାରେ ଏଇଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପୁଷ୍ୟାଭିଷେକ ଦର୍ଶନ କରିବା ପାଇଁ ସମସ୍ତ ଦେବଦେବୀ ଶ୍ରୀମନ୍ଦିରକୁ ଛନ୍ଦୁ ରୂପରେ ଆଗମନ କରିଥାନ୍ତି । ମହାପ୍ରଭୁଙ୍କ ରାଜରାଜେଶ୍ୱର ବେଶରେ ଶ୍ରୀରାମଙ୍କୁ ଦର୍ଶନ କରି କୃତାର୍ଥ ହୁଅନ୍ତି । କେବଳ ଦେବତାମାନେ ନୁହଁନ୍ତି, ଛନ୍ଦୁଦେଶରେ ଅନେକ ଅମର ଭକ୍ତ, ଯକ୍ଷ, ରକ୍ଷ ଗନ୍ଧର୍ବ ଆଦି ମଧ୍ୟ ଦର୍ଶନ କରନ୍ତି । ଭକ୍ତତିଏ ଭଗବାନଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶ ପାଏ ଶ୍ରୀକ୍ଷେତ୍ରରେ । ଶୀତର ପ୍ରକୋପ ଲୀଳାମୟଙ୍କ ଦିବ୍ୟଲୀଳାରେ ପରାଭୂତ ହୁଏ । ସମ୍ପନ୍ନ ଆଳତି ଦର୍ଶନ ପାଇଁ ସ୍ୱର୍ଗଦ୍ୱାର ସନ୍ନିକଟ ସ୍ଥାନ ଲୋକାରଣ୍ୟ ହୋଇଯେଢ଼େ । ଜଗଦ୍ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଆଳତି ଆବାହନ କଲାବେଳେ ଭକ୍ତତିଏ ନିଜ ଭିତରେ ଅନ୍ତର୍ଜ୍ୟୋତି ଲାଗିଉଠିଲା ଭଳି ମନେଜରେ । ଶୀତଳ ହୋଇଯାଏ ଏହି ଦିବ୍ୟ ଆଳତି ଦେଖାଡିରେ ଅନ୍ତର ଚଳର ସମସ୍ତ ପାର୍ଥିବ କ୍ଳଳନ । ସମୁଦ୍ରର ଢେଉ ପୂର୍ଣ୍ଣିମା ତିଥି ଜାଣି ନିଜ ଆକାର ବଡ଼ କରି ମଧ୍ୟ ପିଥୁଥାଏ ବେଳାଭୂଇଁରେ । ସବେଯେମିତି ସିଏ ଅପେକ୍ଷା କରିଥିଲା ଏହି ମାହେନ୍ଦ୍ର ଲଗ୍ନକୁ । ପରିବେଶରେ ଶେଷ ପୌଷର ଶୀତ ଭାଙ୍କରର ବହଳତା । ଚା' ସବ୍ଦେ ଭାରତର ବିଭିନ୍ନ ପ୍ରାନ୍ତରୁ ଆସି ରୁଣ୍ଣ ହୋଇଥାନ୍ତି ଭକ୍ତ ଓ ଶ୍ରଦ୍ଧାଳୁ । ସୁସଜ୍ଜିତ ମଂଚ ଉପରୁ ନିମନ୍ତ୍ରିତ ଅତିଥି ସାଧୁମାନଙ୍କର ସାଧୁବାଣୀ ଓ ଜଗଦ୍ଗୁରୁଙ୍କ ଦିବ୍ୟ ଅମୃତ ବଚନ ଶ୍ରବଣ ଏକ ଭିନ୍ନ ପାବନୀ ଭାବସାନ୍ତ୍ରତା ସୃଷ୍ଟିକରେ ପ୍ରତ୍ୟେକଟି ଅନ୍ତରରେ । ସେପରେ ଗର୍ଜନ କରୁଥାଏ ମହାସମୁଦ୍ର । ଏପରେ ସ୍ୱର୍ଗଦ୍ୱାରରେ ମାୟା(ଶରୀର)ର ଦହନ । ମୋକ୍ଷର ଆବାହନ । ଆତ୍ମାହୀନ ଘଟର ହୁଏ ଅଗ୍ନି ସ୍ଥାନ । ଷଡ଼ପୁରାଣ ବେଦାବ ଖଷ୍ଟରେ ବର୍ଣ୍ଣନା ରରିଛି- ତୀର୍ଥାଳାନ ମମସ୍ମୁଣ୍ଡ ଜଳକୁପାୟନିଶ୍ଚିତେ/ ଜୀବନାୟ ଚ କଳ୍ପନାଂ ପରନିର୍ବାଣହେତବେ । ତୀର୍ଥରାଜ ମହୋଦଧି ଓ ପରିନିର୍ବାଣ ଭାରକ ଶ୍ରୀକ୍ଷେତ୍ରସ୍ଥ ସ୍ୱର୍ଗଦ୍ୱାର ଉଭୟ ଦିଗରେ ରହିଥିଲାବେଳେ ମଧ୍ୟବର୍ତ୍ତୀ ସ୍ଥାନରେ ଅନୁଷ୍ଠିତ ହୁଏ ସାଗର ଆଳତି । ତେବେ ଏହା ସତ୍ୟ ଯେ, ଶାସ୍ତ୍ରୀୟ ମତରେ ମହୋଦଧି ହିଁ ତୀର୍ଥରାଜ ଅଟନ୍ତି । 'ମହା'ଶବ୍ଦରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗୁଣଗାନରେ ଆବିଳାକରୁ ଯୋଡ଼ି ହୋଇ ରହିଛି । ଯେପରି ମହାପ୍ରଭୁ, ମହାବୀପ, ମହାବାହୁ ଓ ମହାପ୍ରସାଦ ଇତ୍ୟାଦି । ସେହିପରି ମହୁଦଧ୍ୟ= ମହୋଦଧି । ନାରଦୀୟ ପୁରାଣ ମତରେ, ଏକଦା ସୁମେରୁ ପର୍ବତର ଜାଙ୍ଗମ ଶୃଙ୍ଗରେ ମାତା ଶ୍ରୀଦେବୀ ଢେଉଁ ସ୍ଥାନଟି ଶ୍ରେଷ୍ଠ ବୋଲି ଶ୍ରୀଜଗନ୍ନାଥଙ୍କୁ ପଚାରିଥିଲେ । ଉତରରେ ମହାପ୍ରଭୁ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ବୋଲି କହିବା ସଙ୍ଗେ ସଙ୍ଗେ ତାହାକୁ ଚିହ୍ନିତ କରିବା ପାଇଁ ଉଦଧି ଶବ୍ଦ ପ୍ରୟୋଗ କରିଥିଲେ । ଅଶଃ ସେହି ବର୍ଣ୍ଣନାନୁସାରେ ଦକ୍ଷିଣ ଉଦଧି ହିଁ 'ମହୋଦଧି' । ମହୋଦଧିରେ ସ୍ନାନ ଓ ପରେ ଶ୍ରୀପୁରୁଷୋତ୍ତମଙ୍କ ଦର୍ଶନ କରଣୀୟ ବୋଲି ଭଲୁଲ୍ଲ ଅଛି । ଉଲ୍ଲେଖ ଅଛି ଯେ, ପୁଷ୍କର ଆଦି ତୀର୍ଥକ୍ଷେତ୍ରରେ ସ୍ନାନ କଲେ ସେହି କ୍ଷେତ୍ରର ଫଳ ମିଳେ । ମାତ୍ର ତୀର୍ଥରାଜ ମହୋଦଧିରେ ସ୍ନାନ କଲେ ସମସ୍ତ ତୀର୍ଥ ଫଳ ମିଳେ । ନାରଦୀୟ ପୁରାଣ କୁହନ୍ତି-ରାଜା ସମସ୍ତ ତୀର୍ଥାନାଂ ସାଗରଃ ସରିତାଂ ପତିଃ/ ତସ୍ମାତ ସମସ୍ତତୀର୍ଥେଭ୍ୟଃ ଶ୍ରେଷ୍ଠୋଦଦେୀ ସର୍ବକାମଦଃ । ସୂର୍ଯ୍ୟ ଉଦୟରେ ଯେପରି ଅନ୍ଧକାର ନାଶ ହୁଏ, ସେହିପରି ଜୋତି ତୀର୍ଥସ୍ଥାନ କଲେ ମଧ୍ୟ ମହୋଦଧି ସମସ୍ତ ପାପନାଶକାରୀ ତୀର୍ଥରାଜ ଅଟନ୍ତି । ଏଣୁ ଏଠାରେ ସ୍ନାନ, ଦାନ, ହୋମ, ଜପ ଓ ବେଦାର୍ଚ୍ଚନ ଇତ୍ୟାଦି ଯାହାବି କଲେ ତାହା ଅକ୍ଷୟ ବୋଲି ପ୍ରସିଦ୍ଧି ଅଛି । ବାମଦେବ ସଂହିତାନୁସାରେ- ଶୃଣୁ ବୈଶ୍ଚ କ୍ଷେତ୍ରସ୍ୟ ତାୟଙ୍ଗ ପଂଚକ୍ରୋଶାକମ୍/ ଦ୍ୱିକ୍ରୋଶଂ ସାରଗଦେବପିତ୍ୟାତ୍ର ତ୍ରିକୋଣ ପୃଥିବୀ ତଳେ । ଅର୍ଥାତ୍- ବୁଲ କ୍ରୋଶ ଜଳରେ ନିମଗ୍ନ, ଅବଶିଷ୍ଟ ତିନି କ୍ରୋଶ ଭୂ-ଭାଗରେ । ସାଗରରେ କ୍ଷେତ୍ରର ସୀମା ଚାରିମାଇଲ ବ୍ୟାପି ରହିଥିବାରୁ ସାଗର ଗେରାଇଛନ୍ତି ତୀର୍ଥରାଜ ମହୋଦଧି । ଯେପରି ଏଠାରେ ସ୍ଥାନ ପାଇଁ ଜଳ ତୀର୍ଥ ସ୍ଥାନକୁ ତୀର୍ଥରାଜ କୁହାଯାଇଛି ତାହା ହେଲା- ପଂଚକ୍ରୋଶ ମିଳ ଷେତ୍ରଂ ସମୁଦ୍ରାତ୍ର ବ୍ୟବସ୍ଥିତମ୍/ ଦ୍ୱିକ୍ରୋଶଂ ତୀର୍ଥରାଜସ୍ୟ ତତଭୂମେର୍ମ ସୁନିର୍ମଳମ । ପୁରାଣ ବର୍ଣ୍ଣନାରେ ଶ୍ରୀମହାଲକ୍ଷ୍ମୀ କ୍ଷେତ୍ର ବର୍ଣ୍ଣନା ପ୍ରସଙ୍ଗରେ ଯମରାଜଙ୍କୁ କହିଥିଲେ ଯେ, ଏହାର ପରିସୀମା ପାଂଚକ୍ରୋଶ ଏବଂ ଏହା ସମୁଦ୍ର ପର୍ଯ୍ୟନ୍ତ ପରିବ୍ୟାପ୍ତ । ତା' ମଧ୍ୟରେ ତୀର୍ଥରାଜ ସମୁଦ୍ରର ତତଭୂମିଠାରୁ ଦୁଇକ୍ରୋଶ ପରିମିତ ସ୍ଥାନ ଅତ୍ୟନ୍ତ ନିର୍ମଳ । ସେହିଠାରେ ସାକ୍ଷାତ ନାରାୟଣାତ୍ମକ ବିଶ୍ୱେଶ୍ୱର ମହାଦେବ ଶିବ ସକଳ ଇନ୍ଦ୍ରିୟ ଙ୍ଗସମପୂର୍ବକ ଚତୁର୍ବର୍ଗ ପଂଚଭୂପାଦ ଶ୍ରୀଜଗନ୍ନାଥଙ୍କୁ ଉପାସନା କରିବା ନିମିତ ସମୁଦ୍ର ତଟକୁ ଆଶ୍ରୟ କରି ରହିଛନ୍ତି । ଏଣୁ ଏଠାରେ ଭଗବାନ ଦର୍ଶନମାତ୍ରେ ମୁକ୍ତି ପ୍ରଦାନ କରନ୍ତି ଓ ଚତୁସ୍ତ ଏହି କ୍ଷେତ୍ରରେ ମରଣ ଓ ସମୁଦ୍ର ସ୍ନାନ ମୋକ୍ଷର କାରଣ ହୁଏ । ଅତଏବ ଭଗବାନଙ୍କ ଦର୍ଶନ, ଶ୍ରୀକ୍ଷେତ୍ରରେ ମରଣ, ତୀର୍ଥରାଜ ସମୁଦ୍ରରେ ସ୍ନାନ ଓ ସ୍ୱର୍ଗଦ୍ୱାରରେ ଦହନ- ଏ ସମସ୍ତ ମୁକ୍ତିର ସାଧନ ଓ ତତ୍ପର୍ଯ୍ୟ ବୁଝିଲି । ଏହାକୁ ଗୋବର୍ଦ୍ଧନ ପୀଠାଧିଶ୍ୱର ଜଗଦ୍ଗୁରୁ ଶଙ୍କରାଚାର୍ଯ୍ୟ ତଥ୍ୟ ଓ ତତ୍ତ୍ୱଦ୍ୱାରା ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଲକ୍ଷ୍ୟକରି ୨୦୦୮ ମସିହାରୁ ପ୍ରତ୍ୟେକ ଦିନ ସାଗର ଆଳତି କରାଇଥାନ୍ତି । ମାତ୍ର ମହାପ୍ରଭୁଙ୍କ ପୁଷ୍ୟାଭିଷେକ ବିଦସ ପୌଷ ପୂର୍ଣ୍ଣିମା ଦିନ ସର୍ବମୋକ୍ଷଧ ସମୁଦ୍ର ଆଳତିର ବାର୍ଷିକ ଉତ୍ସବ ଆୟୋଜନ କରାଯାଇଛି । ସମୁଦ୍ର ଆଳତି ଆମ ପ୍ରାଚ୍ୟ ଭୂଖଣ୍ଡରେ ଖୁବ୍ ପ୍ରାଚୀନ । ମାତ୍ର ୧୨୦ବର୍ଷ ଧରି ହଜିଯାଇଥିବା ଏହି ପୁଣ୍ୟ ମହୋଦଧି ଆଳତିର ପୁନଃପ୍ରଚଳନ କରାଇ ସ୍ୱାମୀ ନିଶ୍ଚଳାନନ୍ଦ ଧାର୍ମିକ ଇତିହାସରେ ଏକ ନୂତନ ପୃଷ୍ଠା ସଂଯୋଜିତ କରାଇଛନ୍ତି । ସେହିମହାତୀର୍ଥ ମହୋଦଧିରେ ମହାସମ୍ବାଦ ମହାଆଳତି ସହ ମହାପ୍ରଭୁଙ୍କ ରାଜରାଜାଧିରେଶ ଦର୍ଶନ ଓ ଜଗଦ୍ଗୁରୁଙ୍କ ଚରଣ ସ୍ପର୍ଶ ସୁଯୋଗ ପୌଷ ପୂର୍ଣ୍ଣିମା ଦିନ ସର୍ବମୋକ୍ଷଧ ସମୁଦ୍ର ଆଳତିର ବାର୍ଷିକ ଉତ୍ସବ ଆୟୋଜନ କରାଯାଇଛି । ସମୁଦ୍ର ଆଳତି ଆମ ପ୍ରାଚ୍ୟ ଭୂଖଣ୍ଡରେ ଖୁବ୍ ପ୍ରାଚୀନ । ମାତ୍ର ୧୨୦ବର୍ଷ ଧରି ହଜିଯାଇଥିବା ଏହି ପୁଣ୍ୟ ମହୋଦଧି ଆଳତିର ପୁନଃପ୍ରଚଳନ କରାଇ ସ୍ୱାମୀ ନିଶ୍ଚଳାନନ୍ଦ ଧାର୍ମିକ ଇତିହାସରେ ଏକ ନୂତନ ପୃଷ୍ଠା ସଂଯୋଜିତ କରାଇଛନ୍ତି । ସେହିମହାତୀର୍ଥ ମହୋଦଧିରେ ମହାସମ୍ବାଦ ମହାଆଳତି ସହ ମହାପ୍ରଭୁଙ୍କ ରାଜରାଜାଧିରେଶ ଦର୍ଶନ ଓ ଜଗଦ୍ଗୁରୁଙ୍କ ଚରଣ ସ୍ପର୍ଶ ସୁଯୋଗ ପୌଷ ପୂର୍ଣ୍ଣିମା ଦିନ ସର୍ବମୋକ୍ଷଧ ସମୁଦ୍ର ଆଳତିର ବାର୍ଷିକ ଉତ୍ସବ ଆୟୋଜନ କରାଯାଇଛି ।

ମଟଂନାଟକ ଏବେବି ବଚିଂଛି...

ଜେତେଦିନ ତଳେ ମାସର ଦ୍ୱିତୀୟ ରବିବାର ସନ୍ଧ୍ୟାରେ ଆମ ରାଜ୍ୟର ସର୍ବପ୍ରାଚୀନ ସାରସ୍ୱତ ଅନୁଷ୍ଠାନ ଲେଖକ ସାଂସ୍କୃତିକ ଓଡ଼ିଶାର ମାସିକ ଅଧିବେଶନରେ ବୌଦ

ଦାମୀ ହୋଟେଲ୍‌ରେ ଜୁଆଖେଳ : ଚଢ଼ଉ ସମୟରେ ଲକ୍ଷାଧିକ ଟଙ୍କା ଜବତ

ସମ୍ବଲପୁର,୪/୧(ନି/ପ୍ର): ସହରର ଗଳିକନ୍ଦି କିମ୍ବା ନିଛାଟିଆ ସ୍ଥାନରେ ନୁହେଁ; ବଙ୍ଗ ହୋଟେଲ୍ ରୁମ୍ ଭିତରେ ନିର୍ଭୟରେ ଜୁଆ ଖେଳାଯାଉଛି । ସମ୍ବଲପୁର ସହରର ଏକ ଜଣାଶୁଣା ତଥା ଦାମୀ ହୋଟେଲରେ ଜୁଆ ଖେଳର ପର୍ଦ୍ଦାଫାସ ହୋଇଛି । ଧନୁପାଲି ପୁଲିସ ଚଢ଼ଉ ସମୟରେ ପୁଳାପୁଳା ଟଙ୍କା ମଧ୍ୟ ଜବତ କରିଛି । ଏଥି ସହିତ ୧୦ଜଣଙ୍କୁ ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ କ୍ଷେତ୍ରରାଜପୁର ଥାନା ଅନ୍ତର୍ଗତ ବେଲୁଆପଡ଼ାର ବିଜୟ ଗୁପ୍ତା (୬୫), ଧନୁପାଲି ଥାନା ଅନ୍ତର୍ଗତ ମାତିଝରଣ ମହଲ୍ଲାର ରହିସ (୪୯) ଏବଂ ଘେନସନପଡ଼ାର ସାୟକ ଜାହିବ (୪୯), ଅଣ୍ଟାପାଲି ଥାନା ଅନ୍ତର୍ଗତ କାଇଁଶିର ରୋଡ୍‌ର ଅଭିଷେକ ପ୍ରଧାନ (୪୮), ଜନନିବିରା ବୁଲ୍ ସରଡ଼ାବାହଳର ବଭୁଶ ରାଉତ (୩୫), ବୁଲାଁ ଥାନା ଅଟଂଳର ଶ୍ୱେତାରାୟ ବେହେରା (୩୩), ଅରୁଣ ଦେବତା (୪୫) ଓ ସଞ୍ଜୀବ ବେହେରା (୩୬), ସୁବର୍ଣ୍ଣପୁର ଜିଲ୍ଲା ଗୁରଦାପଡ଼ାର ଗଜରାଜ ପଟେଲ (୬୦) ଏବଂ ଅନୁଗୁଳ ଜିଲ୍ଲାର ପ୍ରଶାନ୍ତ ସାହୁ (୪୩) । ଏମାନଙ୍କଠାରୁ ୧୧ଟି ମୋବାଇଲ ଫୋନ୍, ଚାସ୍ କାର୍ଡ, ଗୋଟିଏ ମୋଟର ସାଇକଲ, ଗୋଟିଏ ସ୍ୱୁଟି, ଓ ତମାଖୁ ଜବତ ହୋଇଥିବା ଏସ୍‌ବିପିଓ ଡୋଫାନ ବାଗ ସୂଚନା ଦେଇଛନ୍ତି । ପୁଲିସର ସୂଚନା ଅନୁସାରେ ଆଜି ଅପରାହ୍ନରେ ହୋଟେଲ୍ 'ଉପହାର ପ୍ୟାଲେସ୍'ରେ ଜୁଆଖେଳ ନେଇ ସୂଚନା ମିଳିଥିଲା । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ପୁଲିସ ହୋଟେଲ୍ ଉପରେ ଚଢ଼ଉ କରିଥିଲା । ପୁଲିସର ଚଢ଼ଉ ନେଇ ଆଗୁଆ ସୂଚନା ପାଇଥିଲେ ଅଭିଯୁକ୍ତମାନେ । ଫଳରେ ସେମାନେ ବ୍ୟସ୍ତ ହୋଇପଡ଼ିଥିଲେ । ଏହି ଚଢ଼ଉ ସମୟରେ ପୁଳାପୁଳା ୫୦୦ ଟଙ୍କିଆ ନୋଟ୍ ଜବତ ହୋଇଛି । ଏସ୍‌ବିପିଓ ଡୋଫାନ ବାଗ କହିଛନ୍ତି, ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ଙ୍କ ନିର୍ଦ୍ଦେଶରେ ଧନୁପାଲି ପୁଲିସ ଥାନା ଆଇଆଇସି ଆବିଦ୍ୟ ମହାଭୁଲଙ୍କ ନେତୃତ୍ୱରେ ଟିମ୍ ଉପହାର ପ୍ୟାଲେସ୍‌ରେ ଚଢ଼ଉ କରିଥିଲା । ରୁମ ନମ୍ବର ୧୦୫ରେ ଜୁଆ ଖେଳ ଚାଲିଥିଲା । ଏହି ସମୟରେ ରୁମ ଭିତରେ ଟଙ୍କା ବିଛିନ୍ନ ହୋଇ ପଡ଼ିଥିଲା । ଲକ୍ଷାଧିକ ଟଙ୍କା ଜବତ ହୋଇଛି । ଗଣତି ପରେ କେତେ ଟଙ୍କା ଜଣାପଡ଼ିବ । ଏହି ମାମଲାରେ ୯ଜଣ ଅଭିଯୁକ୍ତଙ୍କୁ ଅଟକ ରଖାଯାଇଛି । ଏମାନେ ସମସ୍ତେ ସମ୍ବଲପୁର ଅଟଂଳର ବୋଲି ଜଣାପଡ଼ିଛି । ଅଟକ ଥିବା ଅଭିଯୁକ୍ତମାନଙ୍କ ମଧ୍ୟରୁ କିଛି ଲୋକ ପୂର୍ବରୁ ମଧ୍ୟ ଜୁଆ ଖେଳ ସହିତ ସଂପୃକ୍ତ ଥିଲେ । ହୋଟେଲ ମାଲିକ ଗୋପକୃଷ୍ଣ ସାମନ୍ତରାୟ ଏହି କାରବାର ସହିତ ସଂପୃକ୍ତ ଅଛନ୍ତି କି ନାହିଁ, ତାହା ତଦନ୍ତ ପରେ ଜଣାପଡ଼ିବ ।

ସମ୍ବଲପୁର ଲୋକ ମହୋତ୍ସବ ପକ୍ଷରୁ ଚିତ୍ରକଳା କର୍ମଶାଳା

ସମ୍ବଲପୁର,୪/୧(ନି/ପ୍ର): ସ୍ଥାନୀୟ ସମଲେଶ୍ୱରୀ ମନ୍ଦିର ନିକଟ ରିଭର ଭ୍ୟୁ-ପଏଂଟ ଠାରେ ସମ୍ବଲପୁର ଲୋକ ମହୋତ୍ସବର ପ୍ରଦର୍ଶନୀ ଉପସମିତି ପକ୍ଷରୁ ଆଳର୍ଷଣୀୟ ଚିତ୍ରକଳା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର କଳିରାମ ବୋରଡ, ନୋଡାଲ ଅଧିକାରୀ ତଥା ମହାନଗର ନିଗମ କମିଶନର ବେହାନ ଖଟି ଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଆମ ସମ୍ବଲପୁରର ସଂସ୍କୃତିକୁ ନେଇ ଚିତ୍ରଶିଳ୍ପୀ ମାନେ ନିଜର ରଙ୍ଗତୁଳୀରେ ଚିତ୍ର ଅଙ୍କନ କରିଥିଲେ । ପ୍ରତ୍ୟେକଟି ଚିତ୍ର ସମ୍ପୂର୍ଣ୍ଣ ଜୀବନ୍ତ ଭଳି ଝଲସି ଉଠିଥିଲା । ଆବାହକ ଲୁଲବାପ ବର୍ମା, ସହ ଆବାହକ ରୋଚିଶି ଦେ ଓ ଶ୍ରୀମନ୍ତ ସାହୁଙ୍କ ତତ୍ତ୍ୱାବଧାନରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ମୋଟ ୩୦ ଜଣ ଚିତ୍ରଶିଳ୍ପୀ ଏଥିରେ ଅଂଶଗ୍ରହଣ କରି ଚିତ୍ର ଅଙ୍କନ କରିଥିଲେ । ଲୋକ ମହୋତ୍ସବ ସଂଯୋଜକ ଦୀପକ କୁମାର ପଣ୍ଡା, ଉପବେଷ୍ଟା ସମିତି ସଦସ୍ୟ ପ୍ରଫୁଲ୍ଲ ହୋତା ଓ ସୂର୍ଯ୍ୟ ପାଣିଗ୍ରାହୀ ଏବଂ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାଲୁ ପ୍ରମୁଖ ଉପସ୍ଥିତ ରହି ଚିତ୍ରକରଙ୍କୁ ଉତ୍ସାହିତ କରିଥିଲେ । ଚିତ୍ରଶିଳ୍ପୀ ମାନେ ପେନସିଲ, ଖାଫର ଜଳଭ, ଆକ୍ରେଲିକ, ପେଷ୍ଟାଲ ପ୍ରଭୃତିରେ ଚିତ୍ର ଆଙ୍କିଥିଲେ । ଏହି ସମସ୍ତ ଚିତ୍ରକୁ ମହୋତ୍ସବର ପ୍ରବର୍ଣ୍ଣନା ମେଳାରେ ସ୍ଥାନିକ କରାଯିବ । ଏହି କର୍ମଶାଳାରେ ଏଙ୍ଗୁଲା କୁଣ୍ଡ, ସଞ୍ଜୟ ସାହୁ, ଅନୁରେଖା ଜେନା, ଦେବାଶିଷ ପ୍ରଧାନ, ସ୍ୱରୂପ ସାହୁ, ସୁରଜିତ ରାଉତ, ସରୋଷ ପଟନାୟକ, ବନ୍ଦନା ପଣ୍ଡା, ସୁବ୍ରତ ବେହେରା, ମହେଶ ଡାଣ୍ଡି, ମନୋଜ ଚୌଧୁରୀ, ବି. ଅଞ୍ଜଳି ରାଓ, ବୃନ୍ଦାବନ ମହାରଣା, ମୋନାଲିସା ଭରତ ଓ ନମିତା ବଡ଼ପଣ୍ଡା ପ୍ରମୁଖ ଚିତ୍ରଶିଳ୍ପୀ ଚିତ୍ର ଅଙ୍କନ କରିଥିଲେ ।

ନିର୍ମାଲ୍ୟ ସାହିତ୍ୟ ସଂସଦର ନୂତନ କର୍ମକର୍ତା ଚୟନ

ସମ୍ବଲପୁର, ୪/୧(ନି/ପ୍ର): ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ପରମାଣପୁର ଧନୁଯାତ୍ରା ପଡିଆ ସମ୍ମୁଖରେ ଗୁରୁବାର ନିର୍ମାଲ୍ୟ ସାହିତ୍ୟ ସଂସଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭୁତ ଭୂଷଣ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସାହିତ୍ୟ ସଂସଦର ନୂତନ କର୍ମକର୍ତା ଚୟନ କରାଯାଇଥିଲା । ଏଥିରେ ସଭାପତି ଭାବେ ଯୁବ ସଂଗଠକ ଭବାନୀଶ ଭୋଲ, ଉପସଭାପତି ଭାବେ ଜବୟିତ୍ରୀ ନିରୁପମା ନାଥ, ସମ୍ପାଦକ ଭାବେ ଯୁବ କବି ପ୍ରଦ୍ୟୁମ୍ନ ବିଶି, ସହସଂପାଦକ ରାଜଲକ୍ଷ୍ମୀ ମିଶ୍ର, ସଂଗୋଜିକା ସୁଷମା ପ୍ରଧାନ, କୋଷାଧ୍ୟକ୍ଷ ଭାବେ ତ୍ରିଲୋଚନ ସାହୁଙ୍କୁ ଚୟନ କରାଯାଇଥିଲା । ଏଥିସହ ନିର୍ମାଲ୍ୟ ସାହିତ୍ୟ ସଂସଦର ଉପଦେଷ୍ଟା ଭାବେ ବରିଷ୍ଠ ଗୀତିକାର ବିଭୁତି ଭୂଷଣ ନାଥ, ଦେବୀକାର ଚନ୍ଦ୍ର ବାରିକ, ସୁବ୍ରତ କୁମାର ମିଶ୍ର, ଜାହ୍ନବୀ ନାଥଙ୍କୁ ରଖାଯାଇଥିଲା । ସଭାରେ ଅନ୍ୟମାନଙ୍କ ମଧ୍ୟରେ ତ୍ରିଲୋଚନ ସାହୁ, ଭଜାଗର ବାରିକ, ସୁଷମା ପ୍ରଧାନ, ରାଜଲକ୍ଷ୍ମୀ ମିଶ୍ର, ନିରୁପମା ନାଥ, ପ୍ରଦ୍ୟୁମ୍ନ ବିଶି, ମହେଶ୍ୱର ନାୟକ, ରାଧାସ୍ୱ ବିହାରୀ ନାଥ, ଦେବୀକାର ବାରିକ, ପ୍ରସନ୍ନ ମିଶ୍ର, ରାଧେଶ୍ୟାମ ପ୍ରଧାନ ପ୍ରମୁଖ ସଂସଦ ପକ୍ଷରୁ ଆଗାମୀ ଦିନରେ ହାତକୁ ନିଆଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ନିର୍ମାଲ୍ୟ ସାହିତ୍ୟ ସଂସଦ ତରଫରୁ ଏକ ଟ୍ରୈମାସିକ ପତ୍ରିକା ପ୍ରକାଶନ କରାଯିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା । ଏହାସହ ପରମାଣପୁର ମାଟିର ଗୌରବ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ଜୀବନ ଦର୍ଶନକୁ ନେଇ ଏକ କାର୍ଯ୍ୟକ୍ରମ ଆୟୋଜନ ନେଇ ବୈଠକରେ ପ୍ରସ୍ତାବ ଆଗତ କରାଯାଇଥିଲା ।

ଇପିଏଫ୍ ପେନସନର୍ସ ଆସୋସିଏସନ୍‌ର ଆସନ୍ତା ୮ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଜୟପୁର,୪/୧(ନି/ପ୍ର): ଇପିଏଫ୍ ପେନସନର୍ସ ଆସୋସିଏସନ୍ ଜାନୁଆରୀ ଆଠ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବେ । ଆଜି ଇପିଏଫ୍ ପେନସନର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା କମିଟି ର ବୈଠକ ଶ୍ରୀ ନଳିନୀକାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ବର୍ଷ ଧରି ଇପିଏଫ୍ ପେନସନର୍ସ ଆସୋସିଏସନ୍ ବାବି କରି ଆସୁଛି ଯେ ସର୍ବ ନିମ୍ନ ପେନସନ ମାସିକ ୯,୦୦୦/- ଟଙ୍କା କରାଯାଉ । ଚାକିରି କାଳରେ ପ୍ରାୟ ୪୦ ବର୍ଷ ଧରି ଇପିଏଫ୍ ପେନସନର୍ସ ପାଣ୍ଠିକୁ ଶ୍ରମିକ କର୍ମଚାରୀ ମାନେ ଦେୟ ଦେବା ସତ୍ତ୍ୱେ ଅବସର ଗ୍ରହଣ ପରେ ମାତ୍ର ୧୦୦୦ /-ଟଙ୍କା ରୁ ସର୍ବାଧିକ ୪୦୦୦/-ଟଙ୍କା ପେନସନ ପାଉଛନ୍ତି । କିନ୍ତୁ ଅନେକ ରାଜ୍ୟ ସରକାର ବାର୍ଦ୍ଧକ୍ୟ ଭତା ଷାଠିଏ ବର୍ଷ ପରେ ୩୦୦୦/- ଟଙ୍କା ମାସିକ ପେନସନ ଦେଉଛନ୍ତି । କେନ୍ଦ୍ର ନରେନ୍ଦ୍ର ମୋଦୀ ଙ୍କ ନେତୃତ୍ୱରେ ପରିଚାଳିତ ବିଜେପି ସରକାର ବହୁବାର ପେନସନ କଥା ବିଚାର କରିବା ପାଇଁ ଆଶ୍ୱାସନା ଦେବା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁ ନାହାଁନ୍ତି । ଇପିଏଫ୍ ପେନସନର୍ସ ଆସୋସିଏସନ୍ ର ଧାରଣା ବିଳମ୍ବିତ ଜବର ମନ୍ତର ଠାରେ ଜାରି ରହିଛି । ଆନ୍ଦୋଳନ କୁ ବ୍ୟାପକ କରିବା ପାଇଁ ଆଗାମୀ ଆଠ ତାରିଖ ଦିନ ଦେଶର ସମସ୍ତ ଜିଲ୍ଲା ପାଳ ଅଫିସ୍ ସମ୍ମୁଖରେ ପେନସନର୍ସ ଆସୋସିଏସନ୍ ବିକ୍ଷୋଭ କରିବେ । ବାବି ରହିବ ସର୍ବନିମ୍ନ ପେନସନ ମାସିକ ୯୦୦୦/- ଟଙ୍କା ସହ ମହଙ୍ଗା ଭତା ଯୋଡ଼ିବା, ମେଡିକାଲ ସୁବିଧା ପାଇଁ ଆୟୁଷ୍ମାନ ଯୋଜନାରେ ସାମିଲ କରିବା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବର୍ଦ୍ଧିତ ହାରରେ ପେନସନ ପାଇଁ ସମସ୍ତ ଙ୍କୁ ସୁଯୋଗ ଦେବା ଇତ୍ୟାଦି । ବିକ୍ଷୋଭ ରେ ଇପିଏଫ୍ ପେନସନର୍ସ ଆସୋସିଏସନ୍ ର କର୍ମକର୍ତା ଓ ସଭ୍ୟମାନେ ବହୁସଂଖ୍ୟାରେ ଯୋଗ ଦେବା ପାଇଁ ଆସୋସିଏସନ୍ ପକ୍ଷରୁ ଆହ୍ୱାନ ଦିଆଯାଇଛି । ଆଜି ର ବୈଠକ ରେ ସର୍ବଶ୍ରୀ ପ୍ରମୋଦ କୁମାର ମହାନ୍ତି, ବସନ୍ତ ବେହେରା, କିଶୋର ଚନ୍ଦ୍ର ପଣ୍ଡା, ପ୍ରଭାତ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ ।

୧୪୦ଟି ଗ୍ୟାସ୍ ସିଲିଣ୍ଡର ଉଦ୍ଧାର, ୫ ଗିରଫ

ଜୟପୁର,୪/୧(ନି/ପ୍ର): କୋରାପୁଟ ଜିଲ୍ଲା ବିଙ୍ଗିଂପୁର ଥାନା କୁମୁଲି ଏବଂ ପିଟା ଗ୍ୟାସ ଗୋଦାମରୁ ୧୪୦ଟି ଗ୍ୟାସ ସିଲିଣ୍ଡର ଚୋରି ମାମଲାରେ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ବିଙ୍ଗିଂପୁର ପୁଲିସ । ଗିରଫ ୫ ଜଣଙ୍କ ମଧ୍ୟରୁ ୪ ଜଣ ପାପଡାହାଣ୍ଡିର ଏବଂ ଜଣେ ଚୋରିଗୁଣ୍ଡା ଥାନା ଅନ୍ତର୍ଗତ ପୁରୁଣା ଚୋରିଗୁଣ୍ଡା ଅଂଚଳର ବୋଲି ଜଣାପଡ଼ିଛି । ଗତ ମାସ ୫ ତାରିଖ ରାତିରେ କୁମୁଲି ଖଜାର ଗୁଡା ନିକଟରେ ଥିବା ଗ୍ୟାସ ଏଜେନସି ମାଲିକ ସନ୍ତୋଷ ମହାପାତ୍ରଙ୍କ ଗୋଦାମ ଗ୍ରୀଲ ଭାଙ୍ଗି ୧୪୦ଟି ଗ୍ୟାସ ସିଲିଣ୍ଡର ଚୋରି ହୋଇଥିଲା ।

ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଏଲଗ୍

ସମ୍ବଲପୁର,୪/୧(ନି/ପ୍ର):ଭାରତର ଅନ୍ୟତମ ପ୍ରିମିୟର ମ୍ୟାନେଜମେଂଟ୍ ପ୍ରତିଷ୍ଠାନ ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ପ୍ରୋଜେକ୍ଟ ପଏଂଟ୍ ଓଡ଼ିଶା ସହଯୋଗରେ 'ବିକଶିତ ଭାରତ ପାଇଁ ଓଡ଼ିଶାରେ ଯୁବବର୍ଗଙ୍କ ସଶକ୍ତୀକରଣ' ବିଷୟବସ୍ତୁ ଉପରେ ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଏଲଗ୍ ଆୟୋଜନ କରାଯାଇଛି । ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ଏକ ଅଭିଯାନ ଅଧୀନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହାର ଲକ୍ଷ୍ୟ ହେଉଛି ବିକଶିତ ଭାରତ ୨୦୪୭ ପାଇଁ ରହିଥିବା ଜାତୀୟ ଲକ୍ଷ୍ୟ ପ୍ରତି ଯୋଗଦାନ ପ୍ରଦାନ କରିବାରେ ଯୁବ ଲିଡର୍ସ ଓ ଅଂଶୀଦାରଙ୍କୁ ନେଇ ଅର୍ଥପୂର୍ଣ୍ଣ ଆଲୋଚନାକୁ ସୁଦୃଢ଼ କରିବା । ଏହି ରାଉଣ୍ଡ ଟେବୁଲ୍ କାର୍ଯ୍ୟକ୍ରମରେ ମାଇଁ ଭାରତ ସମ୍ବଲପୁରର ଯୁବ ପ୍ରତିନିଧି ଓ ଆଦିବାସୀ ଯୁବ ପ୍ରତିନିଧିଙ୍କ ସମେତ ପ୍ରାୟ ୨୦ ପ୍ରତିନିଧି ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମ ଭାରତର ଦୀର୍ଘକାଳୀନ ବିକାଶ ଲକ୍ଷ୍ୟ ସହ ସମନ୍ୱିତ ଯୁବ ନେତୃତ୍ୱ, ନବସୃଜନ, ପ୍ରଶାସନ, ଅନ୍ତର୍ଭୁକ୍ତାକରଣ ବିକାଶ ଓ ଆଂଚଳିକ ସ୍ୱତନ୍ତ୍ର ଅଭିବୃଦ୍ଧି ରଣନୀତି ବିଷୟ ଉପରେ ଆଲୋଚନା ପାଇଁ ଏକ ମଂଚ ପ୍ରଦାନ କରିଥିଲା । ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଇୟଶ୍ୱାଲ, ପ୍ରୋଜେକ୍ଟ ପଏଂଟ୍ ଓଡ଼ିଶାର ଅଧ୍ୟକ୍ଷ ଓ ପ୍ରତିଷ୍ଠାତା ଡଂକର ସଂଗ୍ରାମ କେଶରୀ ସାମନ୍ତରାୟ, ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ପୂର୍ବତନ ନିର୍ଦ୍ଦେଶକ, ଏନଡ଼ାଲକେଏସ୍ ସତ୍ୟ ପ୍ରକାଶ ପଟ୍ଟନାୟକ ବକ୍ତବ୍ୟ ରଖିଛନ୍ତି ଯେ, "ମାଇଁ ଭାରତ ଯୁବବର୍ଗଙ୍କୁ ପରିବର୍ତ୍ତନକାରୀ ଦୃଷ୍ଟିରେ ଦେଖୁଛି ଓ ଏଭଳି କାର୍ଯ୍ୟକ୍ରମରେ ସେହି ଲକ୍ଷ୍ୟକୁ ତ୍ୱାଂରାଗତ ଅଂଶଗ୍ରହଣ, ନେତୃତ୍ୱ ବିକାଶ ଓ ବୃଦ୍ଧମୂଳ ପ୍ରଭାବରେ ପରିଣତ କରୁଛି । ଦେଶୁଏକ ପ୍ରତିକ୍ରିୟାଶୀଳ ପ୍ରଶାସନ ପାଇଁ ଯୁବ ଆଧାରିତ ଆଲୋଚନା ଜରୁରୀ । ଏଭଳି ପ୍ଲାଟଫର୍ମ ଯୁବ ନାଗରିକମାନଙ୍କୁ ନୀତି ପ୍ରସ୍ତୁତି, ଦୋଷୀ ବିକାଶ ଓ ଜନସେବାରେ ଅର୍ଥପୂର୍ଣ୍ଣଭାବେ ଯୋଡ଼ିହେବା ପାଇଁ ପ୍ରସ୍ତୁତ କରିବ ।" ଓଡ଼ିଶା ସରକାରଙ୍କ ବିଶେଷ ସଚିବ ନିହାର ରଞ୍ଜନ ଦାଶ କହିଲେ, "ନୂତନ ଶିକ୍ଷା ଦୃଷ୍ଟିକୋଣ ବିଭାଗୀୟ ସୀମା ଓ ପୂର୍ବାଧାରଣାକୁ ଅତିକ୍ରମ କରି, ସୃଜନାତ୍ମକ ଅଭିବ୍ୟକ୍ତିକୁ ଆଗଣ କରି ଏଂବିଧାନୀୟ ଦୁଃଖମାଣ ପର୍ଯ୍ୟନ୍ତ ପ୍ରତ୍ୟେକ ଶିଶୁର ଆକାଂକ୍ଷାକୁ ପୋଷଣ କରିବା ଜରିତ ।" ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ନୀତି ନିର୍ମାତା, ଶିକ୍ଷାବିତ୍, ଯୁବ ଲିଡର ଓ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ ଯୋଗଦେଇ ଭାରତର ଭବିଷ୍ୟତ ବିକାଶ ନକ୍ସାକୁ ଆକାର ପ୍ରଦାନ କରିବାରେ ଯୁବବର୍ଗଙ୍କ ଅଂଶଗ୍ରହଣକୁ ସୁଦୃଢ଼ କରିବା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଓ ସୁପାରିସ ପ୍ରଦାନ କରିଥିଲେ । ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଏଲଗ୍ ଭଳି କାର୍ଯ୍ୟକ୍ରମ କରିଥିବାରେ ଆଇଆଇଏମ୍ ସମ୍ବଲପୁର ଶିକ୍ଷାଗତ ଉତ୍କର୍ଷ, ଯୁବ ସମ୍ପୃକ୍ତି ଓ ନୀତି ଆଧାରିତ ପ୍ରକ୍ରିୟାକୁ ବଳବତ୍ତର କରି ଜାତୀୟ ବିକାଶ ଆଲୋଚନାକୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ୨୦୪୭ ସୁଦ୍ଧା ବିକଶିତ ଦେଶ ହେବା ପାଇଁ ଭାରତର ଯାତ୍ରାରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବା ପାଇଁ ସାମାଜିକ ଦାୟିତ୍ୱବାନ ଲିଡରଙ୍କୁ ପ୍ରସ୍ତୁତ କରିବା ପ୍ରତି ଆଇଆଇଏମ୍ ସମ୍ବଲପୁର ପ୍ରତିବଦ୍ଧ ରହିଛି ।

ପରଚିପାରା ଠାରେ ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ

ରାଉରକେଲା,୪/୧(ନି/ପ୍ର): ନବରଙ୍গପୁର ଜିଲ୍ଲା ରାଇଗଡ଼ ବ୍ଲକର ପରଚିପାରା ପଂଚାୟତ ସରପଂଚ ମହକୁମା ଠାରେ ଆଜି ଗିରି ଗୋବର୍ଦ୍ଧନ ପୂଜା ତଥା ବହିହାଣ୍ଡି ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକର ସମସ୍ତ ଗୌଡ଼ ସମ୍ପ୍ରଦାୟର ଆବାଳ ବୃଦ୍ଧ ବନିତା ବହୁ ସଂଖ୍ୟାରେ ଏହି ଉତ୍ସବରେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା । ନିଜ ଜାତିର ରୀତିନୀତି ଅନୁସାରେ ପୂଜାକାର୍ଯ୍ୟ ସମ୍ପାଦନ କରିବା ସହିତ ସମସ୍ତେ ପାରମ୍ପରିକ ବସ୍ତ୍ରରେ ଥିବା ଦେଖିବାକୁ ମିଳିଥିଲା । ଏହି ପରିପ୍ରେକ୍ଷୀରେ ବ୍ଲକ ସଭାପତି ଧରୁରାମ ରାଉତଙ୍କ ସଭାପତିତ୍ୱରେ ଏକ ସଭାର ମଧ୍ୟ ଆୟୋଜନ କରାଯାଇଥିଲା । ସମ୍ପାଦକ ହେମଲାଲ ରାଉତ ଓ କୋଷାଦକ୍ଷ କୃପା ରାଉତଙ୍କ ସମେତ ବ୍ଲକର ସମସ୍ତ ଗୌଡ଼ ସମ୍ପ୍ରଦାୟର ଭଦ୍ରବ୍ୟକ୍ତି, ଭଦ୍ର ମହିଳା ତଥା ଜନସାଧାରଣ ଉପସ୍ଥିତ ରହିଥିଲେ । ବୈଠକରେ ନିଜ ଜାତିର ରୀତିନୀତି, ପରମ୍ପରା, ଚଳଣି ଓ କଳା ସଂସ୍କୃତି ଉପରେ ବିଷଦ ଭାବେ ଆଲୋଚନା କରାଯିବା ସହିତ ସହିତ ବାଜି ରାଉତଙ୍କ ପ୍ରସଙ୍গ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । ବାଜିକ ବାଜି ରାଉତ ମାତ୍ର ୧୨ବର୍ଷବୟସରେ ଦେଶ ପାଇଁ ସହିଦ ହୋଇଥିଲେ ହେଁ ସରକାର ତାଙ୍କର ଏହି ବଳିଦାନକୁ ଗଣ୍ୟ ଭାବି ତାଙ୍କ ସ୍ମୃତିରେ କିଛି ବି କରିନଥିବାରୁ ଉପସ୍ଥିତ ବୁଦ୍ଧିଜୀବୀମାନେ ଦୁଃଖ ପ୍ରକାଶ କରିଥିଲେ । ଡିତ ସହିତ ପରଚିପାରା ଠାରେ ଗୌଡ଼ ସମ୍ପ୍ରଦାୟର ଜନସାଧାରଣଙ୍କ ପାଇଁ ଏକ କୃଷ୍ଣ ମନ୍ଦିର ନିର୍ମାଣ ଚାଲିଛି, ହେଲେ ପ୍ରଶାସନ ପକ୍ଷରୁ କିଛି ବି ଆର୍ଥିକ ସହାୟତା ଦେଇନଥିବା ସମାଜର ବରିଷ୍ଠ ବ୍ୟକ୍ତିମାନେ ପ୍ରକାଶ କରିଥିଲେ । ଏବି ମନ୍ଦିର ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ କିଛି ଆର୍ଥିକ ସହାୟତା ମିଳିଲା ତେବେ ଆମେ ଗୌଡ଼ ସମାଜ ପ୍ରଶାସନ ଠାରୁ ଉପକୃତ ହୁଅନ୍ତେ ବୋଲି ବରିଷ୍ଠ ବ୍ୟକ୍ତି ମାନେ ମତ ଦେଇଥିଲେ ।

ବିଶ୍ୱମ୍ଭର ବିଦ୍ୟାପୀଠରେ ପିଏମଶ୍ରୀ ଉତ୍ସବ ପାଳିତ

ପୁରୀ, ୪/୧(ନି/ପ୍ର):ଜାତୀୟ ଶିକ୍ଷା ନୀତିର ମୁଖ୍ୟ ଉଦ୍ଦେଶ୍ୟ ଶିକ୍ଷାନୁଷ୍ଠାନର ଭିତିଭୂମିର ବିକାଶ ସହ ବିଦ୍ୟାର୍ଥୀଙ୍କର ସର୍ବାଙ୍

ଗୋପବନ୍ଧୁ ପାଠାଗାରର ପ୍ରତିଷ୍ଠା ଦିବସ ପାଳନ ସହ ନବବର୍ଷକୁ ସ୍ୱାଗତ

ରାଉରକେଲା,୪/୧(ନି/ପ୍ର): ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାରର ପ୍ରତିଷ୍ଠା ଦିବସ ସଭାପତି ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ପାଳିତ ହୋଇ ଯାଇଛି । ଡ. ଉମାକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ବେଦବ୍ୟାସ ଗୁରୁକୁଳ ଆଶ୍ରମର ଶିକ୍ଷାର୍ଥୀ ମାନେ ବେଦ ମନ୍ତ୍ର ପାଠ ପରେ ଅତିଥି ମାନେ ଟେକ୍‌ଜାଟିବା ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସଭାପତି ଶ୍ରୀ ସାହୁ ସ୍ୱାଗତ ଭାଷଣ ସହ ପାଠାଗାରର ସର୍ବାଙ୍ଗୀନ ଉନ୍ନତି ପାଇଁ ଜନ ପ୍ରତିନିଧି ଏବଂ ସଭ୍ୟ ମାନଙ୍କର ସାହାଯ୍ୟ ଓ ସହଯୋଗକୁ ସ୍ମରଣ କରି ଆଗାମୀ ଦିନରେ ସହଯୋଗ କାମନା କରିଥିଲେ । ସାଧାରଣ ସମ୍ପାଦକ ହରିହର ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଜଲୋନୀର ସବୁ ବୟସର ବାସିନ୍ଦାଙ୍କ ପାଇଁ ଗୋପବନ୍ଧୁ ପାଠାଗାର ଏକ ପ୍ରବୃଦ୍ଧ ମଂଚ, ଯାହାକି ମାନସିକ, ଶାରୀରିକ, ସାଂସ୍କୃତିକ ଓ ବୌଦ୍ଧିକ ବିକାଶ ସହ ଜଲୋନୀ ରେ ଶାନ୍ତି ଓ ମୈତ୍ରୀର ବାତାବରଣ ସୃଷ୍ଟି କରିଚାଲିଛି । ପାଠାଗାର ସହ ଅନ୍ୟ ସହଯୋଗୀ ସଂଗଠନ ରୋଟାରୀ କ୍ଲବ ରିଭର୍ ସାଇଡ, ସ୍ୱସ୍ତି ସାହିତ୍ୟ ସଂସଦ, ଉତ୍କଳ ସ୍ନେହୀ ମହିଳା ସମିତି, ରାଉରକେଲା ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ, ଜନର ହୁଇଲ କ୍ଲବ ପ୍ରଭୃତିର କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲ ର ସି. ଇ. ଓ.ଡାକ୍ତର ସୁଶାନ୍ତ କୁମାର ଆଚାର୍ଯ୍ୟ ଏବଂ ସମ୍ମାନୀତ ଅତିଥି ସେଲର ଅବସର ପ୍ରାପ୍ତ ଇ. ଡି. ଶ୍ରୀ ପ୍ରବୀପ କୁମାର ସାହୁ, ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଅଧକ୍ଷ ଶର୍ମିଷ୍ଠା ଜଗି ଶତପଥୀ, ସାହିତ୍ୟିକ ଶ୍ରୀ ରାଜୀବ ପାଣି ପ୍ରମୁଖ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ପାଠାଗାରର ସର୍ବାଙ୍ଗୀନ ଉନ୍ନତିରେ ସାହାଯ୍ୟ ଓ ସହଯୋଗ କରିବେ ବୋଲି ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଚିନ୍ମୟ ଜଂ. ମା. ସ୍କୁଲର ଛାତ୍ର ଛାତ୍ରୀମାନେ ଗୀତିନାଟ୍ୟ ଓ ଲୋକନୃତ୍ୟ ପରିବେଷଣ କରିବା ସହିତ ପ୍ରଦୀପ କୁମାର ସାହୁ, ଅନ୍ୱେଷା ମହାରଣା, ଜୟନ୍ତୀ ପାତ୍ର, ଅଙ୍କିତ ବରଡ଼ା ପ୍ରମୁଖ ସୁମଧୁର ସଂଗୀତ ଗାନ କରିଥିଲେ । ଉପ ସଭାପତି ଗିରିଜା ଶଙ୍କର ଗୋସ୍ୱାମୀ ମଂଚ ପରିଚାଳନା କରିଥିବାବେଳେ ପାଠାଗାର ସମ୍ପାଦକ ବିଶ୍ୱନାଥ ଜେନା ଧନ୍ୟବାଦ ଦେଇଥିଲେ । ଜିଲୋସ ସାମଲ, ହରିହର ନାୟକ, ସୂର୍ଯ୍ୟମଣୀ ପଣ୍ଡା, ରମେଶ ଚନ୍ଦ୍ର ଝି, ଚିନ୍ମୟୀ ପୁରୋହିତ, ସଚିକାନ୍ତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । ଏହି ଉତ୍ସବରେ ପାଠାଗାରର ଶତାବ୍ଦୀ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ ।

ଜାନୁଆରୀ ୭ରୁ ଆରମ୍ଭ ହେବ ତିନି ଦିନିଆ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର

ରାଉରକେଲା ୪/୧(ନି/ପ୍ର): ସମାଜସେବା ଏବଂ ବିବ୍ୟାଙ୍ଗଙ୍କ ପୁନର୍ବାସ ଉଦ୍ଦେଶ୍ୟରେ, ତ୍ରିଶକ୍ତି ସେବା ଟ୍ରଷ୍ଟ ଓ ଲାୟନ୍ସ କ୍ଲବ୍ ଅଫ୍ ରାଉରକେଲା ବେଦବ୍ୟାସଙ୍କ ମିଳିତ ସହଯୋଗରେ, ୨୦୨୬ ଜାନୁଆରୀ ୭ରୁ ୯ ତାରିଖ ପର୍ଯ୍ୟନ୍ତ ରାଉରକେଲାର ହନୁମାନ ଭାଟିଠାସ୍ଥିତ ତ୍ରିଶକ୍ତି ଧାମରେ ଏକ ମାଗଣା କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ଆୟୋଜନ କରାଯାଉଛି ବୋଲି ଆଜି ଅପରାହ୍ନ ୧୨ଟା ୩୦ ସମୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶିବିର ବିଷୟରେ ବିସ୍ତୃତ ସୂଚନା ଦିଆଯାଇଛି । ଏ ବିଷୟରେ ଆୟୋଜକମାନେ କହିଥିଲେ ଯେ, ଶିବିରର ଉଦ୍ଦେଶ୍ୟ ହେଉଛି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ ଅଭାବୀ ବିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ମାଗଣା କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ କରି ସେମାନଙ୍କୁ ସ୍ୱାବଲମ୍ବୀ କରାଇବା । ଶିବିର ସମୟରେ ବିଶେଷଜ୍ଞ ଡାକ୍ତରମାନେ ହିତାଧିକାରୀମାନଙ୍କ ଅଙ୍ଗ ପରୀକ୍ଷା, ମାପ ଏବଂ କୃତ୍ରିମ ଅଙ୍ଗ ଫିଟିଙ୍ଗ୍ କରାଇବେ । ଏହି ସମସ୍ତ ସେବା ସମ୍ପୂର୍ଣ୍ଣ ମାଗଣା ହେବ । ଏହି କାର୍ଯ୍ୟକ୍ରମରେ ଯୋଗଦାନ କରୁଥିବା ସମସ୍ତ ହିତାଧିକାରୀଙ୍କୁ ମାଗଣା ରହିବା ସହିତ ମଧ୍ୟ ଖାଦ୍ୟ ଯୋଗାଇ ଦିଆଯିବ । ଏହି ଶିବିର ଅଗ୍ରସର୍ଶୀ ପ୍ରାଇଭେଟ୍ ଲିମିଟେଡ୍ ସୌଜନ୍ୟରୁ ଆୟୋଜିତ କରାଯାଉଛି । ଏହି କାର୍ଯ୍ୟକ୍ରମର ଅଧକ୍ଷ ହେଉଛନ୍ତି ବାବୁଲ ଗୋୟଲ ଏବଂ ଲାୟନ ନିଶାନ୍ତ ଅଗ୍ରୱାଲ । ଏହି ଅବସରରେ, ତ୍ରିଶକ୍ତି ସେବା ଟ୍ରଷ୍ଟର ସଚିବ ଶ୍ୟାମ ବିହାରୀ ଗୋୟଲ ଏବଂ ଲାୟନ୍ସ କ୍ଲବ ଅଫ୍ ରାଉରକେଲା ବେଦବ୍ୟାସର ସଭାପତି ଲାୟନ (ସିଏ) ପବନ ଅଗ୍ରୱାଲ । ଜନସାଧାରଣ ଏବଂ ସାମାଜିକ ସଂଗଠନଗୁଡ଼ିକୁ ଏହି ଶିବିର ବିଷୟରେ ସୂଚନା ଦିଆଯାଇଛି ଯେ, ସେମାନେ ଯଥାସମ୍ଭବ ଅସହାୟ ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ଆଣି ଶିବିରରେ ପହଞ୍ଚାଇବାକୁ ଅନୁରୋଧ କରାଯାଇଛି । ଯାହା ଦ୍ୱାରା ସର୍ବାଧିକ ଲୋକ ଏହି ସେବାରୁ ଉପକୃତ ହୋଇପାରିବେ । ଆହୁରି ମଧ୍ୟ ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି ଯେ, ପଞ୍ଜିକରଣ ସମିତି, ତେଣୁ ଆଗ୍ରହୀ ହିତାଧିକାରୀମାନେ ତୁରନ୍ତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ସୁରେଶ କେଜରିୱାଲ, କାର୍ଯ୍ୟକ୍ରମର ସୂଚନା ଯୋଗାଯୋଗ ଅଧିକାରୀ ଅତୁଲ ସିଂଘଲି ଏବଂ ପ୍ରତୀକ କୟାଲ ପୌଲକ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

ବରଗାଁ ଫଂଚାୟତଠାରେ ବର୍ଚନ ବ୍ୟାଙ୍କ ଉଦ୍‌ଘାଟିତ

ନୁଆପଡ଼ା,୪/୧(ନି/ପ୍ର): ନୁଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ବରଗାଁ ଫଂଚାୟତ ଠାରେ ବର୍ଚନ ବ୍ୟାଙ୍କର ଶୁଭ ଉଦ୍ଘାଟନ ହୋଇଯାଇଛି । ନୁଆପଡା ଅତିରିକ୍ତ ଜିଲ୍ଲାପାଳ ସୁଭାଷ ଚନ୍ଦ୍ରଜଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବର୍ଚନ ବ୍ୟାଙ୍କର ଶୁଭ ଉଦଘାଟନ କରିଥିଲେ । ସୂଚନା ଥାଉକି ନୁଆପଡ଼ା ଜିଲ୍ଲାପାଳ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ଜିଲା କରିବା ପାଇଁ ଘୋଷଣା କରିଛନ୍ତି । ଜିଲ୍ଲାର ପ୍ରତ୍ୟେକ ବ୍ୟକ୍ତି ନିଜର ବିବାହ, ବ୍ରତ, ଏକୋଇଶିଆ ଓ ବିଭିନ୍ନ ପର୍ବ ପର୍ବାଣୀ ଉତ୍ସବ ମାନଙ୍କରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ନ କରି ଷ୍ଟିଲ ଟ୍ରେ, ଗ୍ଲାସ ସବୁ ବ୍ୟବହାର କରିବା ପାଇଁ ସଚେତନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଉଦଘାଟନ ଉତ୍ସବରେ ସିଡିଓ ଡମ୍ବରୁଗୁଡ଼ା, ଖଡିଆଳ ବିଡିଓ ମିଳନ କୁମାର ଝାଙ୍କର, ଖଡିଆଳ ତହସିଲଦାର ନରସିଂହ ଗବତା, ସିଏସଓ ତ୍ରିନାଥ ଭୋଲ, ଡିଖାଲି କେନାଲ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟରଞ୍ଜନ ଜୟପୁରିଆ, ବରଗାଁ ସରପଂଚ ଗୋବିନ୍ଦ ବିହାରୀ ବାଲିଜ, ଏବିଡିଓ ଖୁଣ୍ଟିପୁରା ବାଗ, ଜିପିଓ ଦେବୀ ପ୍ରସାଦ ମେହେର, ଖଡିଆଳ ସିଡିପିଓ ଅର୍ଚ୍ଚନା ରାଉତ, ଆରଡବ୍ଲୁଏସଏସର ବିପିନ ବିହାରୀ ଯୋଶୀ, ବରଗାଁ ଫଂଚାୟତ ପିଇଓ ଦେଶ୍ରମିଶ୍ରଣ ଏବଂ ବରଗାଁ ଫଂଚାୟତର ଶତାବ୍ଦୀ ଲୋକେ ଉପସ୍ଥିତ ଥିଲେ ।

ଇଂରାଜୀ ନବବର୍ଷ ଉପଲକ୍ଷେ ଶ୍ରଦ୍ଧାରେ ବନ୍ଧୁ ମିଳନ ଉତ୍ସବ

ରାଉରକେଲା,୪/୧(ନି/ପ୍ର): କାର୍ଯ୍ୟକାରୀ ସଭାପତି ପଶୁପତିନାଥ ଚାଟାର୍ଜୀଙ୍କ ପୌରହିତ୍ୟରେ ଏବଂ ଜାର୍ଜିଜ ଚନ୍ଦ୍ର ପାଣ୍ଡବ ଙ୍କ ତତ୍ତ୍ୱାବଧାନରେ ଶ୍ରଦ୍ଧା ଠାରେ ନବବର୍ଷ ଉପଲକ୍ଷେ ଅନୁଷ୍ଠାନର ପରିଚାଳନା କମିଟି ପୁରାତନ ଓ ବର୍ତ୍ତମାନ ର ସଦସ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ମିଳିତ ସୌହାର୍ଦ୍ଦପୂର୍ଣ୍ଣ ବନ୍ଧୁମିଳନ ଉତ୍ସବ ଅନୁଷ୍ଠାନ ର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଶ୍ରୀ ଚାର୍ଜୀଜୀ ଉପସ୍ଥିତ ଅଂଶଗ୍ରହଣକାରୀ ମାନଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ତାଙ୍କ ବ୍ୟକ୍ତବ୍ୟରେ ଦର୍ଶାଇ ଥିଲେ ଯେ,୨୦୨୫ ମସିହା ଆମେମାନେ ଯେମିତି କିଛି ଭଲ ମନ ରେ କଟାଇଲେ ୨୦୨୬ ମସିହା କିନ୍ତୁ ଆମ୍ଭମାନଙ୍କ ପାଇଁ ଏକ ଘଡିସନ୍ଧି ର ମୁହୂର୍ତ୍ତ ରହିବ । ଆମ୍ଭ ରାଜ୍ୟ ତଥା ଦେଶ ପାଇଁ ଆମକୁ ଅନେକ ସତର୍କତା ଅବଲମ୍ବନ କରିବାକୁ ହେବ । ସେଥିପାଇଁ ଆମକୁ ସଚ୍ଚରାତ୍ମକ ଭାବନା ନେଇ କାର୍ଯ୍ୟ କରିବାକୁ ହେବ । ପରାମର୍ଶ କମିଟିର ଅନ୍ୟତମ ସଦସ୍ୟ ରବୀନ୍ଦ୍ର କୁମାର ପାଣ୍ଡବ ତାଙ୍କ ବ୍ୟକ୍ତବ୍ୟରେ ବର୍ଣ୍ଣାଇ ଥିଲେ ଯେ, ପ୍ରଥମେ ପିତାମାତା ଏବଂ ଗୁରୁଙ୍କୁ ସେବା ଦେବ ଏବଂ ଅଶ୍ୱର ଙ୍କୁ ସ୍ମରଣ କରି ସଚ୍ଚାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କଲେ ଆମେ ପ୍ରତିଟି କାର୍ଯ୍ୟକୁ ସଫଳ କରାଇ ପାରିବା । ନିଷ୍ଠାପର ଓ ସତ୍ କାର୍ଯ୍ୟ କେବେହେଲେ ନିଷ୍ଫଳ ହୁଏ ନାହିଁ । ସେ ଗୀତା ଏବଂ ଅବଦୁଲ କାଲାମଙ୍କ କାହାଣୀ ମାଧ୍ୟମରେ ଅନେକ ହିତବାଣୀ ଉପରେ ଆଲୋଚନା କରିଥିଲେ । ସମ୍ପାଦକ ଶ୍ରୀ ପାଣ୍ଡବ ନିଜତରେ ସମାପ୍ତ ହୋଇଥିବା ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ବଷ୍ଟିଆ ଭବନ ଠାରେ ଜଳଚ ଉତ୍ସବ ସମାରୋହ ର କିଛି ଅଂଶ ଅର୍ଥାତ୍ ଯେଉଁ ମାନଙ୍କୁ ନେଇ ଶ୍ରଦ୍ଧା ଗଠିତ ହୋଇଥିଲା ଏବଂ ଏହି ଉତ୍ସବରେ କୋଣସି କାରଣରୁ ଅନୁପସ୍ଥିତ ଥିଲେ ସେମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଇ ସେମାନଙ୍କ ଙ୍କ ର ଅବଦାନ ଅତୁଳନୀୟ ଓ ଅଭିନନ୍ଦନୀୟ ବୋଲି ଜଣାଇବା ସହ ସେମାନଙ୍କୁ ଶ୍ରଦ୍ଧା ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ପ୍ରତିଷ୍ଠାତା ଉପସଭାପତି ଡ଼ାକ୍ତର ଜ୍ଞାନରଞ୍ଜନ ଗିରି,ପ୍ରତିଷ୍ଠାତା ସଭ୍ୟ ଅନଖିଆର ହୁସେନ, ମେହମୁଦ ଅହମ୍ମଦ , ହଜାରୀଲାଲ ଶାହା ଏବଂ ପୁରାତନ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ମୋନାଲିସା ମହାରଣା, ରଶ୍ମିତା ନାୟକ ଏବଂ ପ୍ରଭାତି ପ୍ରଧାନ ପ୍ରମୁଖ ଙ୍କୁ ଅନୁଷ୍ଠାନ ତରଫରୁ ଉପଢୌକନ ସହ ସମ୍ମାନିତ କରାଯାଇଥିଲା । ଡାକ୍ତର ଗିରି ଏବଂ ସନ୍ତୋଷ କୁମାର ସାହୁ ଏହି ଅବସରରେ ଶ୍ରଦ୍ଧାର ଉନ୍ନତିରେ ଅନ୍ତର୍ଭୁକ୍ତ ଜାମନା କରିବା ସହ ଶ୍ରଦ୍ଧା ଆହୁରି ଅନେକ କାମ କରି ସୁନାମ ଅର୍ଜନ କରୁ ବୋଲି ଶୁଭ ମନାସି ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପସଭାପତି ଡା. ପ୍ରଭାକର ନାୟକ ,କୋଷାଧକ୍ଷ ସର୍ବେଶ୍ୱର ମାନବିଂହ ଏବଂ କବିତା ଦାସ ନବ ବର୍ଷର ଶୁଭେଚ୍ଛା ଜଣାଇବା ସହିତ ଶ୍ରଦ୍ଧା ର ଆଗାମୀ କାର୍ଯ୍ୟକ୍ରମ କୁ ଆଗେଇ ନେବାକୁ ସହଯୋଗ ପାଇଁ ଅନୁରୋଧ କରିଥିଲେ । ସୁଜାତା ରାଉତ, ସୁଜୁମାର ପାଣ୍ଡବ, ଧୀରେନ୍ଦ୍ର ଓଝା, ଗଗନ ମହାନ୍ତି, ସନ୍ତୋଷୀ , ବିପ୍ତି, ଅର୍ଚ୍ଚନା ମିଶ୍ର, ଅର୍ପିତା ପଣ୍ଡା , ଇତିଶ୍ରୀ ଦାସ ଏବଂ ଚନ୍ଦ୍ରିକା ପାଣ୍ଡବ ପ୍ରଭୃତି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ଜିତୁଲତା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

ରାଉରକେଲା ପୋଲିସ୍ ଦ୍ୱାରା ୨ ଲୁଟେରା ଗିରଫ , ଲୁଟ୍ ସାମଗ୍ରୀ ଜବତ

ରାଉରକେଲା,୪/୧(ନି/ପ୍ର): ଉତ୍ତାର ସହରର ସେକ୍ଟର-୬ ପୋଲିସ ସେକ୍ଟର ଅଚଂଳର ଏକ ଆବାସିକ ଭ୍ୱାର୍ଟରରୁ ଆଲବେଷ୍ଟସ୍ ଛାତ ଭାଙ୍ଗି ଚୋରି କରିଥିବା ଅଭିଯୋଗରେ ଜଡିତ ଜଣେ ଅଭ୍ୟାସଗତ ଅପରାଧୀଙ୍କୁ ସଫଳତାର ସହ ଗିରଫ କରିଛି । ଅଭିଯୁକ୍ତର ନାମ ସୁର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ବୋଲି ଚିହ୍ନଟ କରାଯାଇଛି, ଯିଏ ଜଣେ ଜଣାଶୁଣା ଅପରାଧୀ । ପୋଲିସର ତଦନ୍ତ ଆଧାରରେ, ଅଭିଯୁକ୍ତଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କାର ଚୋରି ଜିନିଷ ଉଦ୍ଧାର କରାଯାଇଛି । ଯେଉଁ ଚୋରି ଜିନିଷ ମଧ୍ୟରେ ସୁନା ଅଳଙ୍କାର ଏବଂ ନଗଦ ୧ ଲକ୍ଷ ୫ ହଜାର ଟଙ୍କା ରହିଛି । ପୋଲିସର ସୂଚନା ଅନୁଯାୟୀ, ଚୋରି ସେକ୍ଟର-୮ ଅଂଚଳରେ ଘଟିଥିଲା । ସେକ୍ଟର-୮ର ବାସିନ୍ଦା ରନ୍ଦାକର ଜିଶାନ ତାଙ୍କ ସ୍ତ୍ରୀଙ୍କ ସହିତ ବଜାରକୁ ଯାଇଥିଲେ । ସେମାନଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଅଭିଯୁକ୍ତମାନେ ସନ୍ଧ୍ୟାରେ ଘରର ଆଲବେଷ୍ଟସ୍ ଛାତ ଭାଙ୍ଗି ସୁନା ଅଳଙ୍କାର ଏବଂ ନଗଦ ନେଇ ପଳାଇ ଯାଇଥିଲେ । ତୁରନ୍ତ ତଦନ୍ତ କରାଯାଇ ପୋଲିସ ଅଭିଯୁକ୍ତକୁ ଗିରଫ କରିଛି ଏବଂ ତାଙ୍କ ପାଖରୁ ସମସ୍ତ ଚୋରି ସୁନା ଅଳଙ୍କାର ଏବଂ ନଗଦ ଜବତ କରାଯାଇଛି । ଅଭିଯୁକ୍ତର ଅନ୍ୟ ମାମଲାର ସମ୍ପୃକ୍ତି ନେଇ ଅଧିକ ତଦନ୍ତ ଚାଲିଛି । ସେହିପରି, ଅନ୍ୟ ଏକ ଘଟଣାରେ, ସେକ୍ଟର-୧୯ ପୋଲିସ ଦୁଇ ଜଣ ଜିନତାଲଙ୍କୁ ଗିରଫ କରିଛି ଏବଂ ସେମାନଙ୍କଠାରୁ ଲୁଟ ହୋଇଥିବା ବ୍ୟାଗ ଏବଂ ନଗଦ ଟଙ୍କା ମଧ୍ୟ ଜବତ କରିଛି । ସୂଚନା ଅନୁସାରେ ପୂଜା ନାମକ ଜଣେ ଯୁବତୀ ସେକ୍ଟର-୧୯ ସ୍ଥିତ ବ୍ୟାଙ୍କ ଅଫ୍ ବଣ୍ଡିଆରୁ ଟଙ୍କା ଉଠାଇ ସାଲଭେଜର ଘରକୁ ଫେରୁଥିବା ସମୟରେ ଏହି ଘଟଣା ଘଟିଥିଲା । ଦୁଇ ଅଭିଯୁକ୍ତ ଏକ ମୋଟର ସାଇକେଲରେ ଆସି ତାଙ୍କ ବ୍ୟାଗକୁ ଜୋରଜବରଦସ୍ତ ଛଡ଼ାଇ ନେଇ ଘଟଣାସ୍ଥଳରୁ ପଳାଇ ଯାଇଥିଲେ । ଅଭିଯୋଗକୁ ପୋଲିସ୍ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଉଭୟ ଜିନତାଳକାରୀଙ୍କୁ ଖୋଜି ବାହାର କରି ଗିରଫ କରାଯାଇଛି । ଏଥିସହିତ ଚୋରି ବ୍ୟାଗ ଏବଂ ଟଙ୍କା ମଧ୍ୟ ଜବତ କରିଛି ସେକ୍ଟର-୧୯ ପୋଲିସ୍ । ଉଭୟ ମାମଲାର ଅଭିଯୁକ୍ତଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି ବୋଲି ରାଉରକେଲା ପୋଲିସ୍ ପକ୍ଷରୁ ସେକ୍ଟର-୧୯ ଥାନାରେ ଥାନା ଅଧିକାରୀ ଏ ସାହୁ ଏବଂ ସେକ୍ଟର-୭ ଥାନାର ଥାନା ଅଧିକାରୀଙ୍କ ସହିତ ଡି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଡିଏସପି ଯୋଗେଶ ପଣ୍ଡା ।

ଦେଶୀ ମଦ ଚାଲାଣ ବେଳେ ଚଢାଉ , ୨ ଅଭିଯୁକ୍ତ ଗିରଫ

ଜୟପୁର,୪/୧(ନି/ପ୍ର): ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଢାଉ କରି ଦୁଇ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ଧଡରିଗୁଡା ଗ୍ରାମର ସାଧୁ ଚଲାଣ ଯମୁନାଗୁଡା ରାଜେନ୍ଦ୍ର କୁଜଦିପ । ସୂଚନା ଅନୁଯାଇ ଦେଶୀ ମଦ ଚାଲାଣ ସୂଚନା ପାଇ ଜୟପୁର ଅବକାରି ଥାନା ଆଜି ଯମୁନାଗୁଡା ଓ ଧଡରିଗୁଡା ରେ ଚଢାଉ କରି ୨୫ ଲିଟର ଦେଶୀ ମଦ ଜବତ କରିଛି । ଗିରଫ ଦୁଇ ଅଭିଯୁକ୍ତ କୁ ଆଜି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଓଆଇସି ସୁବ୍ରତ କେଶୋରି ହିରଣ ସୂଚନା ଦେଇଛନ୍ତି ।

ଦ୍ୱିଦିବସୀୟ ଲେଡି ଲାୟନ ଶିଶୁ ମହୋତ୍ସବ ସମ୍ପନ୍ନ

ରାଉରକେଲା,୪/୧(ନି/ପ୍ର): ସାମାଜିକ ଅନୁଷ୍ଠାନ ଲେଡି ଲାୟନ ପକ୍ଷରୁ ଝିରପାଣି ବିଜୟ କ୍ଲବ୍ ପଡିଆ ଠାରେ ଦ୍ୱିଦିବସୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ବନିତା ମାହତୋ ଙ୍କ ଅଧକ୍ଷତା, କବିତା ମାହାତୋ, ସମ୍ପାଦକ ସ୍ନେହଲତା ଗଣ୍ଡାସିଆ, ଧନମାୟା ବିଷ୍ଟ ଓ ଅନୁପମା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହି ଦ୍ୱିଦିବସୀୟ କାର୍ଯ୍ୟକ୍ରମର ପ୍ରତିଯୋଗିତାରେ ଗୁଡ଼ିକ ମଧ୍ୟରେ ହନୁମାନ ଚାଳିଶା ପାଠ, ଜବଳୀ ବୈାଦ, ବେଲୁନ ବୈାଦ, ବାଲିକା ମାନଙ୍କର ଫୁଟବଲ ମ୍ୟାଚ, ଚିତ୍ରାଙ୍କନ,ମୁଖ ଚିତ୍ର,ବୈାଦ୍ୟ ପୋଷାକ, ଜନଜାତି ଫେସନ ସୋ, କ୍ରିଏଟିଭ ଜିଦ୍ ବଜାର ପ୍ରତିଯୋଗିତା କରାଯାଇ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ପ୍ରତିଯୋଗିତା ଗୁଡ଼ିକର ବିଚାରକ ଭାବେ ସର୍ବଶ୍ରୀ ରାଜକୁମାର ପାଣ୍ଡେ, ଆଚାର୍ଯ୍ୟ ବିନୟ, ବିକ୍ରମ ମହାପାତ୍ର,ସୋନା ସୁମିତ୍ରା ଦାସ,ଗ୍ରେସି ଡେଭିଡ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ । ପ୍ରଥମ ଦିବସରେ ଅତିଥି ଭାବେ ଅଜିତ ତିର୍ଦ୍ଦି, ସୁଶିଲ କିଣ୍ଡା, ବିଜୟ ସିଂହ, ସନ୍ତୁଷ ଝି ଓ ଦ୍ୱିତୀୟ ଦିବସରେ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟଅତିଥି, ସ୍ୱତନ୍ତ ଅତିଥି ଭାବେ ଜିତେନ୍ଦ୍ର ପ୍ରସାଦ, ସୁଷମା ପ୍ରସାଦ, ଅଶୋକ କଲୁଅ,ଅଞ୍ଜୁ କଲୁଅ,ମଞ୍ଜୁ ମେହେର, ଶୈଳବାଳା ଦାସ, ପୂର୍ଣ୍ଣିମା ମହାନ୍ତି, ଗୌରୀ କୁମାର, କାମିନୀ ମହନ୍ତ, ଆରତୀ ସାହୁ, ଦିପ୍ତୀ ବିଶ୍ୱାଳ, ବିଜୟ ସୁନ୍ଦରାୟ, ଆରତୀ ସାହୁ,ଲେ ରାଉତ ପ୍ରମୁଖ ଯୋଗଦେଇଥି